ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
# THE DINALIPI

- Vol.- 45, Issue No. 315
- Sunday, 15 February 2026
- ରବିବାର, ୧୫ ଫେବୃଆରୀ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com








# ମହାଶିବରାତ୍ରି

ମହାଶିବରାତ୍ରି ଭଗବାନ ଶିବଙ୍କ ପୂଜା ଏବଂ ଆରାଧନା ପାଇଁ ଉତ୍ସର୍ଗୀକୃତ ଏକ ପର୍ବ। ଦିନ ତମାମ ଭଗବାନ ଶିବଙ୍କୁ ବିଶେଷ ପ୍ରାର୍ଥନା କରାଯାଏ। ଶିବ ଭକ୍ତଙ୍କ ଲାଗି ମହାଶିବରାତ୍ରି ବେଶ ଗୁରୁତ୍ୱପୂର୍ଣ୍ଣ ଦିନଟିଏ। ଶିବଙ୍କୁ ସନ୍ତୁଷ୍ଟ କରିବା ଲାଗି ପ୍ରାୟତଃ ସଭିଏଁ ଉପବାସ କରି ଜାଗର ପାଳିଥାନ୍ତି । ଏହି ଦିନ ବିଭିନ୍ନ ନୈବେଦ୍ୟ ସହିତ ଭଗବାନ ଶିବଙ୍କୁ ପୂଜା କରିବା ଦ୍ୱାରା ପ୍ରତ୍ୟେକ ଇଚ୍ଛା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଯଦି ସମ୍ଭବ ହୁଏ, ତେବେ ରୁଦ୍ରାଭିଷେକ ମଧ କରନ୍ତୁ। ଏହା ଆହୁରି ଶୁଭ ଫଳ ପ୍ରଦାନ କରିଥାଏ। ଫାଲଗୁନ ମାସର କୃଷ୍ଣ ଚତୁର୍ଦ୍ଦଶୀରେ ମହାଶିବରାତ୍ରି ପାଳନ କରାଯାଏ। ଏହି ଦିନଟି ସମସ୍ତଙ୍କ ପାଇଁ ବେଶ୍ ଖାସ୍। ବାସ୍ତୁବିତ୍ ଓ ପଣ୍ଡିତଙ୍କ ଅନୁସାରେ ଫେବୃଆରୀ ୧୫ତାରିଖରେ ମହାଶିବରାତ୍ରି ପାଳନ କରିବା ଉପଯୁକ୍ତ। ଆମର ଶାସ୍ତ୍ରଗୁଡ଼ିକ ଉଭୟ ପକ୍ଷରେ ପୂଜା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ, ସକାଳେ ପୂଜା କରିବା ଉଚିତ। ଏହି ସମୟରେ ଭଗବାନ ଶିବଙ୍କୁ ପୂଜା କରିବା ପୂର୍ବରୁ, ତାଙ୍କୁ ପଞ୍ଚାମୃତରେ ସ୍ନାନ କରାନ୍ତୁ। କେବଳ ଜଳ ଅର୍ପଣ କରି ପୂଜା କରିପାରିବେ।ଜାଗର ଦିନ ଶିବ ପୂଜା ସମୟରେ ଅଖଣ୍ଡ ଚାଉଳ, ଫୁଲ, ଧୂପ, ଦୀପ, ନୈବେଦ୍ୟ, ବେଲପତ୍ର, ଫଳ ଏବଂ ପବିତ୍ର ସୂତା ବ୍ୟବହାର କରନ୍ତୁ। ଏସବୁ ଭଗବାନ ଶିବଙ୍କର ପ୍ରିୟ। ଭାଙ୍ଗ ମଧ ମହାଦେବଙ୍କ ବହୁତ ପ୍ରିୟ, ତେଣୁ ଏହାକୁ ନିଶ୍ଚିତ ଭାବରେ ଅର୍ପଣ କରନ୍ତୁ। ମହାଶିବରାତ୍ରିରେ ରୁଦ୍ରାଭିଷେକ କରିବା ମଧ ଶୁଭ ବୋଲି ବିବେଚନା କରାଯାଏ। ଏହି ଦିନ ଓଁ ନମଃ ଶିବାୟ ଜପ କରନ୍ତୁ। ରୁଦ୍ର ଅଷ୍ଟଧ୍ୟାୟଙ୍କୁ ୧୦ ଥର ପାଠ କରିବା ଦ୍ୱାରା ବିଶେଷ ଫଳ ମିଳିଥାଏ।



## ଭକ୍ତିମୟ ବାତାବରଣ

ଶିବ ଉପାସନା ପାଇଁ ଅହୋରାତ୍ର ସଂକୀର୍ତ୍ତନ, ଖୋଳ କରତାଳରେ ପ୍ରକମ୍ପିତ ହେବ ଏକାମ୍ରକ୍ଷେତ୍ର । ମହାଶିବରାତ୍ରି ଦିନ ଲକ୍ଷ ଲକ୍ଷ ପ୍ରଦୀପ ପ୍ରଜ୍ୱଳନରେ ଝଲସି ଉଠିବ ଶ୍ରୀଲିଙ୍ଗରାଜ ମନ୍ଦିର ସମେତ ଏହାର ଚତୁର୍ଦ୍ଦିଗ । ଏକଦା ମହାଦୀପ ଉଠିବା ପରେ ମଧ ଭକ୍ତ ଗଣ ରାତିତମାମ ଉଜାଗର ରହି ଦୀପ ଜାଳି ବସୁଥିଲେ । ଏବେ ସମୟ ବଦଳିଛି । ସାଜସଜ୍ଜାରେ ପ୍ରଦୀପର ସ୍ଥାନ ନେଇଛି ରଙ୍ଗିନ ବିଦ୍ୟୁତ ଆଲୋକମାଳା । ଲକ୍ଷାଧିକ ଲୋକେ ଦୀପ ଜାଳୁଛନ୍ତି ସତ, କିନ୍ତୁ ମହାଦୀପ ଉଠିବା ପରେ ପ୍ରାୟତଃ ଭକ୍ତ ବ୍ରତ ସମାପନ କରି ଉଠି ଯାଉଛନ୍ତି । ସେହିଭଳି ସଂକୀର୍ତ୍ତନର ସ୍ଥାନ ନେଇଛି ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ। ସିଧା ସଳଖ ପ୍ରସାରଣରେ ଲୋକେ ଘରେ ବସି ଟେଲିଭିଜନରେ ଠାକୁରଙ୍କ ନୀତି ଓ ମହାଦୀପ ଦର୍ଶନ ଲାଭ କରି ପାରୁଛନ୍ତି ।

### ସାମବଂଶୀ ରାଜାଙ୍କ କୀର୍ତ୍ତି

ଭୂଗର୍ଭରୁ ଆବିର୍ଭାବ ସ୍ୱୟଂଭୂ ଶ୍ରୀଲିଙ୍ଗରାଜଙ୍କ ମହିମା ବିଶ୍ୱତମାମ ବ୍ୟାପିଗଲା । ଠାକୁରଙ୍କ ପରମ ଭକ୍ତ ଥିଲେ ସୋମବଂଶୀ ରାଜାଗଣ । ଠାକୁରଙ୍କ ପାଇଁ ଏକ ସୁଦୃଶ୍ୟ ଓ ସୁଉଚ୍ଚ ମନ୍ଦିର ନିର୍ମାଣ ଦିଗରେ ରାଜାଙ୍କ ଉଦ୍ୟମ ଆରମ୍ଭ ହେଲା । ଆଜକୁ ପ୍ରାୟ ହଜାରେ ବର୍ଷ ତଳେ ସମ୍ରାଟ ଯଯାତି କେଶରୀଙ୍କ ଅମଳରେ ମନ୍ଦିରର ପୂର୍ଣ୍ଣାବୟବ ପ୍ରତିଷ୍ଠା ହେଲା । ପ୍ରାୟ ୨୧୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ୟୁନେସ୍କୋରେ ସ୍ଥାନ ପାଇଛି ।

### ମହାଶିବରାତ୍ରିରେ ଶ୍ରୀଜିଉଙ୍କ ନୀତି

ଅଗଣିତ ଭକ୍ତଙ୍କ ସୁଅ ଭିତରେ ମହାପ୍ରଭୁଙ୍କ ନୀତିକାନ୍ତି ସମାପନ ସେବାୟତଙ୍କ ନିକଟରେ ଅଗ୍ନିପରୀକ୍ଷା ସଦୃଶ୍ୟ । ଆବହମାନ କାଳରୁ ଚାଲି ଆସିଥିବା ନୀତି ଏବେ ବି ଅପରିବର୍ତ୍ତିତ ରହିଛି । ବିଧି ମୁତାବକ ଭୋର ୩ଟାରୁ ଠାକୁରଙ୍କ ପହୁଡ଼ ଭଙ୍ଗ ହୋଇ ଆଳତୀ ଅବକାଶ ନୀତି ସମ୍ପନ୍ନ ହୁଏ । ଠାକୁରଙ୍କ ଦର୍ଶନ ନିମନ୍ତେ ବାହାରେ ଅସଂଖ୍ୟ ଭକ୍ତ ପ୍ରତୀକ୍ଷା କରିଥାନ୍ତି । ଅଧଘଣ୍ଟାଏ ଭିତରେ ଠାକୁରଙ୍କ ନୀତି ସମାପନ କରି ସେବୟତଗଣ ସାହାଣ ମେଲା ଦର୍ଶନ ନିମନ୍ତେ ମନ୍ଦିର ପ୍ରବେଶ ଦ୍ୱାର ଖୋଲି ଦିଅନ୍ତି। ମଧାହ୍ନ ପର୍ଯ୍ୟନ୍ତ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିରହେ । ଏହାପରେ ଠାକୁର, ଠାକୁରାଣୀଙ୍କ ବଲ୍ଲଭ, ଧୂପ, ଭୋଗମଣ୍ଡପ ଆଦି ନୀତି ସମ୍ପନ୍ନ ନିମନ୍ତେ ସାହାଣମେଲା ଦର୍ଶନ ବନ୍ଦ କରାଯାଏ । ଅପରାହ୍ଣରେ ପୁନଶ୍ଚ ସାହାଣ ମେଲା ଦର୍ଶନ ପାଇଁ ଭକ୍ତଙ୍କୁ ବାଟ ଖୋଲି ଦିଆଯାଏ । ଅନ୍ୟାନ୍ୟ ଦୈନନ୍ଦିନ ନୀତି ସମ୍ପନ୍ନ ପରେ ଠାକୁରଙ୍କ ଯାତ୍ରା ପୂଜା ସମାପନ ହୁଏ । ସେବାୟତଗଣ ବିନ୍ଦୁସାଗରରୁ ୧୦୮ ପୂର୍ଣ୍ଣ କଳସ ପବିତ୍ର ଜଳ ଆଣି ଠାକୁରଙ୍କ ନିକଟରେ ବିଧିମତେ ଲାଗି କରନ୍ତି ।

## ଜପ କରନ୍ତୁ 'ଓଁ ନମଃ ଶିବାୟ'

'ଓଁ ନମଃ ଶିବାୟ' ହିନ୍ଦୁ ଧର୍ମର ଏକ ମୂଳ ମନ୍ତ୍ର, ବିଶେଷକରି ଶୈବ ପରମ୍ପରା ମଧରେ ଏହା ପ୍ରଚଳିତ। ପଞ୍ଚାକ୍ଷର ମନ୍ତ୍ର। ('ଓମ୍' ବାଦ ଦେଇ ପାଞ୍ଚ-ଅକ୍ଷର ବିଶିଷ୍ଟ ମନ୍ତ୍ର) କିମ୍ବା ନମଃ ଶିବାୟ କୁହାଯାଏ। ଏହା ଏକ ଗଭୀର, ପରିବର୍ତ୍ତନକାରୀ ବାକ୍ୟାଂଶ ଯାହାର ଅର୍ଥ 'ମୁଁ ଶିବଙ୍କୁ ପ୍ରଣାମ କରେ' କିମ୍ବା 'ଭଗବାନ ଶିବଙ୍କୁ ଆରାଧନା କରେ' ରେ ଅନୁବାଦ କରାଯାଏ।

ଆଭ୍ୟନ୍ତରୀଣ ଜାଗରଣ: ଏହା ଆତ୍ମ-ସାକ୍ଷାତ ପାଇଁ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରେ, ମନକୁ ଶବ୍ଦରୁ ଏକକ, କେନ୍ଦ୍ରିତ ଶବ୍ଦକୁ ନେବାରେ ସାହାଯ୍ୟ କରେ।

ଅହଂକାର ବିଲୋପ: ଶିବ ଭ୍ରମ ବିନାଶକାରୀ; ତେଣୁ, ମନ୍ତ୍ର ଅହଂକାର ଏବଂ କଠୋର ପରିଚୟ ତାଙ୍କୁ ଲୁପ୍ତ କରିବାରେ ସାହାଯ୍ୟ କରେ।

ଶୁଦ୍ଧିକରଣ: ଏହା ନକାରାତ୍ମକ ଶକ୍ତିକୁ ଦୂର କରେ ଏବଂ ଏକ ଅସ୍ଥିର ମନକୁ ଶାନ୍ତ କରେ, ଏକ 'ଚାପ-ଦୂରକାରୀ' ଭାବରେ କାର୍ଯ୍ୟ କରେ।



ସାର୍ବଜନୀନ ଏକତା: ମନ୍ତ୍ର ସମସ୍ତ ଜିନିଷର ଏକତାକୁ ସୂଚିତ କରେ, ବ୍ୟକ୍ତିକୁ ବ୍ରହ୍ମାଣ୍ଡ ସହିତ ସମାନ କରିଥାଏ

### ଜପର ଲାଭ

ଶାନ୍ତି ଏବଂ ସ୍ଥିରତା: ଧ୍ୟାନ ସମୟରେ ନିୟମିତ, ଧୀର ଜପ ଆଭ୍ୟନ୍ତରୀଣ ଶାନ୍ତି, ଧ୍ୟାନ ଏବଂ ମାନସିକ ଶକ୍ତିକୁ ପ୍ରୋତ୍ସାହିତ କରେ।

ଆଧ୍ୟାତ୍ମିକ ସୁରକ୍ଷା: ଏହାକୁ ଏକ ସୁରକ୍ଷା ମନ୍ତ୍ର ଭାବରେ ବିବେଚନା କରାଯାଏ ଯାହା ସୁରକ୍ଷା ଏବଂ ସକାରାତ୍ମକ ଶକ୍ତିର ଭାବନା ଆଣିଥାଏ।

କୌଣସି କଠୋର ନିୟମ ନାହିଁ: ପ୍ରାୟତଃ କୁହାଯାଏ ଯେ ଏହି ମନ୍ତ୍ର ଯେ କୌଣସି ବ୍ୟକ୍ତି, ଯେକୌଣସି ସମୟରେ, ବିନା ଜଟିଳ ରୀତିନୀତି ରେ ଜପ କରାଯାଇପାରେ।

ଉଚିତ ଅଭ୍ୟାସ:

ପୁନରାବୃତ୍ତି: ମନ୍ତ୍ରଟି ସାଧାରଣତଃ ୧୦୮ ଥର ଜପ କରାଯାଏ, ପ୍ରାୟତଃ ଧ୍ୟାନ ମାଳା (ମାଳା) ବ୍ୟବହାର କରିବେ। ଅବା ମାନସିକ ଜପ କରିବେ। ଭଙ୍ଗୀ: ଏକ ଶାନ୍ତ, ସଫା ସ୍ଥାନରେ ସିଧା ପିଠି (ସୁଖାସନ ରୀତିରେ) ରଖି ବସିବା ଜପି ପାରିବେ।

## ମହାଦୀପ କାହିଁକି ମନ୍ଦିର ଚୂଡ଼ାକୁ ଉଠେ



ମହାଦୀପ କାହିଁକି ମନ୍ଦିର ଚୂଡ଼ାକୁ ଉଠେ । ଏ ସଂପର୍କରେ ଏକ ଲୋକକଥା ରହିଛି ତାହା ହେଉଛି- ସମୁଦ୍ର ମନ୍ଥନ ସମୟରେ ବାସୁକି ନାଗଙ୍କୁ ମୁହଁରୁ ଯେଉଁ ବିଷ ଉଦ୍‌ଗାର ହେଲା ତାହା ସମସ୍ତ ପ୍ରାଣୀ ଜଗତକୁ ଧ୍ୱଂସ କରି ଥାଆନ୍ତା। ହଳାହଳ ବିଷ ଜ୍ୱାଳାର ଭୟାବହତା ଦେଖି ଦେବଦେବୀଙ୍କ ଅନୁରୋଧ କ୍ରମେ ମହାଦେବ ସମୂହ ବିଷକୁ ପାନ କରିଦେଲେ। ଦେବ ଦେବ ମହାଦେବ ମଧ ହଳାହଳ ବିଷକୁ ସହ୍ୟ କରି ନ ପରି ଅଚେତ ହୋଇଗଲେ। ମହାଦେବଙ୍କୁ ମୂର୍ଚ୍ଛିତ ଅବସ୍ଥା ଦେଖି ଦେବଦେବୀ ସଙ୍କଟରେ ପଡିଗଲେ । ଦେବଦେବୀଙ୍କ ସମସ୍ତ ଉପାୟ ସତ୍ତ୍ୱେ ମହାଦେବଙ୍କ ଚେତା ଆସିଲା ନାହିଁ। ବାଧହୋଇ ପ୍ରଥମ ପ୍ରହରରେ ଶିବ ଙ୍କ ଉପରେ କ୍ଷୀର ଢ଼ାଳି ଚେତା କରିବାକୁ ଚେଷ୍ଟା କରିଲେ। ଯେହେତୁ ସର୍ପର ତଳସମତଳ ଭାଗ ଥଣ୍ଡା ରହୁଥିବାରୁ ସର୍ପକୁ ଆଣି ଶିବଙ୍କ ଗଳାରେ ରଖି ଥଣ୍ଡା କରିବାକୁ ଚେଷ୍ଟା କରିଲେ କିନ୍ତୁ ଏଥିରେ ମଧ ଅସଫଳ ହେଲେ। ସର୍ପ ଦ୍ୱାରା ଥଣ୍ଡା ଏବଂ କ୍ଷୀର ଢାଳିବା ପରେ ମଧ ମହାଦେବ ଶିବ ପୂର୍ବ ପରି ଅଚେତ ହୋଇ ପଡ଼ି ରହିଲେ। ତୁଣ୍ଡକୁ ତୁଣ୍ଡ ହୋଇ କଥା ତେତିଶ କୋଟି ଦେବତାଙ୍କ ନିକଟରେ ପହଞ୍ଚିଲା। ଦଶ ଦିଗ,ଚଉଦ ବ୍ରହ୍ମାଣ୍ଡରୁ ସମସ୍ତ ଦେବଦେବୀ ଖବର ପାଇ ଆସିଗଲେ। ସମସ୍ତ ଦେବଦେବୀ ମହାଦେବଙ୍କ ଚେତନ ଅବସ୍ଥା ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ରାତ୍ର କାଳରେ ନିଜ ନିକଟରେ ଦୀପଟିଏ ଜାଳିବାକୁ ଲାଗିଲେ। ରାତ୍ରର ଦ୍ୱିତୀୟ ପ୍ରହରରେ ପୁଣି ମହାଦେବଙ୍କ ଉପରେ ଦହି ଢ଼ାଳି ଚେତା ଫେରାଇ ଆଣିବାକୁ ଚେଷ୍ଟା କରାଗଲା। ଯେହେତୁ ଚନ୍ଦ୍ର ଥଣ୍ଡା। ତେଣୁ କିଛି ମୁନି ଋଷି ଙ୍କ ପରାମର୍ଶ କ୍ରମେ ଚନ୍ଦ୍ରଙ୍କୁ ଆଣି ଶିବ ମଥା ଦେଶରେ ରଖାଗଲା। ତଥାପି ଚେତା ଫେରିଲା ନାହିଁ। ବିଭିନ୍ନ ଦେବଦେବୀ ଏବଂ ମୁନିଋଷିଙ୍କ ପରାମର୍ଶ କ୍ରମେ ତୃତୀୟ ପ୍ରହରରେ ଶିବ ମଥା ଉପରେ ଘୃତ ଲେପନ ହେଲା । ମୁଣ୍ଡକୁ ଥଣ୍ଡା ରଖିବା ନିମନ୍ତେ ଗଙ୍ଗାଙ୍କୁ ଆଣି ରଖାଗଲା। ତଥାପି କୌଣସି ସୁଫଳ ମିଳିଲା ନାହିଁ। ମାତା ପାର୍ବତୀ ନିଜକୁ ପ୍ରମାଦ ଗଣିଲେ। ଅନେକ ତପସ୍ୟା ଫଳରେ ଯାହାଙ୍କୁ ସ୍ୱାମୀ ଭାବରେ ପାଇଥିଲେ ତାଙ୍କର ଏହି ଅବସ୍ଥାରେ କ୍ରୋଧିତ ହୋଇଗଲେ। ଦେବତା ସହିତ ସମସ୍ତ ପ୍ରାଣୀ ଜଗତକୁ ରକ୍ଷା କରିବାକୁ ଯାଇ ଯେତେବେଳେ ଶିବ ସଂକଟ ମୁଖରେ ଅଛନ୍ତି ମାତା ପାର୍ବତୀ ନିଜକୁ ସମ୍ଭାଳି ପାରିଲେ ନାହିଁ। କ୍ରୋଧିତ ହୋଇ ସମସ୍ତ ପ୍ରାଣୀ ଜଗତକୁ ଧ୍ୱଂସ କରିବାକୁ ଉଠିଲେ। ତାଙ୍କର ଏହି କ୍ରୋଧ ଫଳରେ ପ୍ରଚଣ୍ଡ ପବନ ବହିବାକୁ ଲାଗିଲା। ଝଡ ବର୍ଷା ଆସିଲା। ଦେବତାମାନେ ସାରା ରାତି ଉଜାଗର ହୋଇ ଯେଉଁ ଦୀପ ଲଗାଇ ବସିଥିଲେ ତାହା ଗୋଟିଏ ପରେ ଗୋଟିଏ ଲିଭିବାକୁ ଆରମ୍ଭ ହେଲା। ଚାରିଆଡ଼େ ଅନ୍ଧାର ଘୋଟି ଆସିଲା। ବାଧ ହୋଇ ସମସ୍ତ ଦୀପର ଘିଅ ଏବଂ ସଳିତା କୁ ସଂଗ୍ରହ କରି ଗୋଟିଏ ବଡ ଦୀପ କରିଲେ। ବିରାଟ ସଳିତା ତିଆରି କରି ସମସ୍ତ ଘୃତକୁ ଗୋଟିଏ ଦୀପ ରେ ରଖିଲେ। ପବନ ଠାରୁ ରକ୍ଷା କରିବା ନିମନ୍ତେ ଦୀପ ଚାରି ପାଖରେ ଘେରି ରହିଲେ। ସେହି ଦୀପ ମହାଦୀପ ହେଲା । ସମସ୍ତଙ୍କୁ ଆଲୋକ ଦେଲା। ପାର୍ବତୀଙ୍କ କୋପରେ ବ୍ରହ୍ମାଣ୍ଡ ଥରିବାକୁ ଲାଗିଲା। ସମସ୍ତ ଦେବଦେବୀ ଭୟରେ ଭଗବାନ ନାରାୟଣ ଙ୍କୁ ସ୍ମରଣ କରିଲେ । ନାରାୟଣ ପହଞ୍ଚି ଶିବ ଙ୍କ ଉପରେ ମହୁ ଢାଳିଲେ । ନାରାୟଣ ବା ହରି ହାତ ସ୍ପର୍ଶ କରି ଶିବଙ୍କ କର୍ଣ୍ଣରେ କିଛି ମନ୍ତ୍ର ଉଚ୍ଚାରଣ କରିଲେ।ଯାହାକୁ ହରିହର ଭେଟ କୁହାଯାଏ। ଚତୁର୍ଥ ପ୍ରହରରେ ଶିବଙ୍କ ଚେତା ଆସିଲା । ମହାଦୀପ ଉପରକୁ ଉଠାଇ ସଂକେତ ଦିଆଗଲା ଯେ ଶିବଙ୍କ ବର୍ତ୍ତମାନ ଚେତା ଆସିଯାଇଛି। ସେହିଦିନ ଠାରୁ ମନ୍ଦିର ଚୂଡ଼ାକୁ ମହାଦୀପ ଉଠା ଯାଉଛି।

**ଜଗନ୍ନାଥ ବେହେରା**
ଗାୟତ୍ରୀ ନଗର,ନବରଙ୍ଗପୁର, ମୋ - ୯୪୩୭୭୮୫୧୫୮

## ମହାଶିବରାତ୍ରୀରେ ଶିବଙ୍କୁ ଲାଗି କରନ୍ତୁ ଦୁଦୁରା ଫୁଲ



ଭଗବାନ ଶିବଙ୍କ ଆରାଧନା ପାଇଁ ବିଶେଷ ପର୍ବ ହେଉଛି ମହାଶିବରାତ୍ରୀ। ଏହି ପର୍ବ ଫେବୃଆରୀ ୧୫ ରବିବାର ଦିନ ପାଳନ କରାଯିବ । ଏହି ଦିନ ଶିବ ଭକ୍ତଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ଦିନ ଭୋଳାନାଥଙ୍କୁ ଅନେକ ଫୁଲ ଦେଇ ପୂଜାର୍ଚ୍ଚନା କରିଥାଆନ୍ତି ଲକ୍ଷ ଲକ୍ଷ ଭକ୍ତ । କିନ୍ତୁ ଏମିତି କିଛି ଖାସ୍ ଫୁଲ ରହିଛି ଯାହା ଦ୍ୱାରା ଭଗବାନ ଶିବଙ୍କ କୃପା ସହଜରେ ମିଳିଥାଏ । ତେଣୁ ଭଗବାନ ଶିବଙ୍କ ଆଶୀର୍ବାଦ ପାଇଁ ଆପଣଙ୍କ ପୂଜାରେ ଏହି ଫୁଲ ସାମିଲ କରିବାକୁ ଆଦୌ ଭୁଲନ୍ତୁ ନାହିଁ । ମହାଶିବରାତ୍ରୀରେ ଶିବଙ୍କ ଉପାସନା ପାଇଁ କେଉଁ ଫୁଲ ଚଢାଇବା ଉଚିତ୍ ଏବଂ ଅନୁଚିତ୍ ତେବେ ଆସନ୍ତୁ ଜାଣିବା ।

ଦୁଦୁରା ଫୁଲ: ଏହା ଶିବ ପୁରାଣ ଅନୁସାରେ ଦୁଦୁରା ଫୁଲ ଶିବଙ୍କର ଅତ୍ୟନ୍ତ ପ୍ରିୟ ହୋଇଥାଏ । ଏହି ଭଗବାନ ଶିବଙ୍କୁ ଅର୍ପର କରିବା ଦ୍ୱାରା ରୋଗ,ଭୟ ଏବଂ ନକରାତ୍ମକ ଉର୍ଜାରୁ ମୁକ୍ତି ମିଳିଥାଏ ।

ଅରଖ ଫୁଲ: ଅରଖ ଫୁଲ ମଧ ଶିବଙ୍କର ଆଉ ଏକ ପ୍ରିୟ ଫୁଲ । କୁହାଯାଏ ଭଗବାନ ଶିବଙ୍କୁ ପୂଜା କରିବା ସମୟରେ ଏହି ଫୁଲ ଅର୍ପର କରିବା ଦ୍ୱାରା ଜୀବନରେ ଥିବା ବାଧାବିଘ୍ନ ଦୂର ହେବା ସହିତ ସାହସ ବଢିଥାଏ ।

ଶାମୀ ଫୁଲ : ମହାଶିବରାତ୍ରୀରେ ଭଗବାନ ଶିବଙ୍କୁ ଶାମୀ ଫୁଲ ଚଢାଇବା ଖୁବ୍ ଫଳଦାୟୀ ହୋଇଥାଏ । ଏହି ଫୁଲ ଚଢାଇବା ଦ୍ୱାରା ସୁଖ ଓ ସମୃଦ୍ଧି ବୃଦ୍ଧି ପାଇଥାଏ ।

କନିଅର ଫୁଲ : କନିଅରି ଫୁଲକୁ ମଧ ଶିବଙ୍କର ପ୍ରିୟ ଫୁଲ ବୋଲି କୁହାଯାଇଥାଏ । ତେଣୁ ମହାଶିବରାତ୍ରୀରେ କନିଅର ଫୁଲ ଭଗବାନଙ୍କ ଉପରେ ଚଢାନ୍ତୁ ।

ଚମେଲି ଫୁଲ : ଚମେଲିର ଧଳା ରଙ୍ଗର ଫୁଲ ଭଗବାନ ଶିବଙ୍କର ପ୍ରିୟ ବୋଲି ମାନାଯାଇଥାଏ । ଏହି ଫୁଲ ଭଗବାନଙ୍କ ଉପରେ ଚଢାଇବା ଦ୍ୱାରା ଶୀଘ୍ର କୃପା ମିଳିଥାଏ ।

ଧଳା ପଦ୍ମ : ଶିବଲିଙ୍ଗରେ ଧଳା ପଦ୍ମ ଚଢାଇବା ଅତ୍ୟନ୍ତ ଶୁଭ ହୋଇଥାଏ ।

ମଲ୍ଲି : ପୂଜା କରିବା ସମୟରେ ଭୋଳାବାବାଙ୍କୁ ଏହି ଫୁଲ ଅର୍ପଣ କରିବା ଦ୍ୱାରା ସୌଭାଗ୍ୟ ବୃଦ୍ଧି ହୋଇଥାଏ ଏବଂ ଘରେ ସକରାତ୍ମକ ଉର୍ଜା ବଜାୟ ରହିଥାଏ ।

ଯେମିତି ଏହି ସବୁ ଫୁଲ ଭଗବାନଙ୍କୁ ଅର୍ପଣ କରିବା ଦ୍ୱାରା ଶିବ ପ୍ରସନ୍ନ ହୋଇଥାଆନ୍ତି । ସେହିପରି କିଛି ଫୁଲ ଅଛି ଯାହା ଭଗବାନଙ୍କୁ ଅର୍ପଣ କରିବା ଦ୍ୱାରା କୌଣସି ଫଳାଫଳ ମିଳିନଥାଏ । ଏହା ବ୍ୟତୀତ ଛିଣ୍ଡି ଯାଇଥିବା ଫୁଲ ଚଢାଇବା ମଧ ଉଚିତ୍ ନୁହେଁ । କଣ୍ଟା ଜାତୀୟ ଫୁଲ ଆଦୌ ଶିବଲିଙ୍ଗ ଉପରେ ଚଢାନ୍ତୁ ନାହିଁ ।

## ଭକ୍ତଙ୍କ ଭାବରେ ବାନ୍ଧି ହୋଇଯାଆନ୍ତି ଶିବ



ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ସବୁ ଶୈବପୀଠ । ସବୁ ଦେବତାଙ୍କ ମଧରେ ଭଗବାନ ଶିବଙ୍କୁ ସରଳ ବୋଲି ବିଚାର କରାଯାଏ। ମହାଦେବ ଶିବ ହିଁ ସହଜରେ ଭକ୍ତଙ୍କ ଭାବରେ ବାନ୍ଧି ହୋଇଯାଆନ୍ତି। ମନରେ ଉଚିତ ଶ୍ରଦ୍ଧା ଓ ଭକ୍ତି ଥିଲେ ମହାଦେବ ଶିବ ପ୍ରସନ୍ନ ହୋଇଯାଆନ୍ତି। ତେଣୁ ଭକ୍ତମାନେ ତାଙ୍କୁ ଶ୍ରଦ୍ଧାରେ ଭୋଳାନାଥ ବୋଲି ଡାକନ୍ତି। ମହାନ ହିନ୍ଦୁ ପରମ୍ପରାରେ ଜାଗର ବ୍ରତ ବା ମହାଶିବରାତ୍ରୀ ଉପବାସରେ ରହିଛି ଅଦ୍ଭୁତ ମହିମା । ପୁରାଣରେ ବର୍ଣ୍ଣିତ ଅନୁଯାୟୀ ଶିବରାତ୍ରୀ ଉପବାସ ଯୋଗୁଁ ରଜ ଓ ତମ ଗୁଣ ଦୁଇଟି ନିୟନ୍ତ୍ରିତ ହୋଇଥାଏ । ଏହି ପବିତ୍ର ଦିନରେ ଶ୍ରଦ୍ଧାଳୁମାନେ ଅହୋରାତ୍ର ଶିବ ଉପାସନା ଏବଂ ପୂଜାର୍ଚ୍ଚନାରେ ନିମଗ୍ନ ରହିଥିବା ଯୋଗୁଁ ମନ ମଧରେ ରହିଥିବା ଅହଂ ଭାବନା ସହିତ ଯାବତୀୟ ବିକାର ଗୁଣଗୁଡ଼ିକ ନଷ୍ଟ ହୋଇଯାଇଥାଏ । ଏହି ଦିନ ହିନ୍ଦୁ ନରନାରୀ ଶୁଦ୍ଧପୂତ ଭାବରେ ଉପବାସ ପୂର୍ବକ ଅଖଣ୍ଡ ଦୀପ ଜାଳି ରାତ୍ରି ଉଜାଗର ରହି ବ୍ରତ ପାଳୁଥିବାରୁ ଏହାକୁ ଜାଗର ଓଷା ବା ଜାଗର ବ୍ରତ ମଧ କୁହାଯାଇଥାଏ ।

ଆତ୍ମ କଲ୍ୟାଣର ରାସ୍ତାକୁ ପରିଷ୍କାର କରିବାପାଇଁ ଅଖଣ୍ଡ ସଜାଗତା ଓ ଜ୍ଞାନର ଆଲୋକ ଏ ଦୁଇଟିର ଆବଶ୍ୟକତା ରହିଛି ବୋଲି ଏଇ ପର୍ବ ଶିକ୍ଷା ଦିଏ । ମଝିରାତିକୁ ମନ୍ଦିରର ଶିଖରକୁ ବିଶାଳ ମହାଦୀପ ନିଆଯାଏ । ତାହାକୁ ଦର୍ଶନ କରି ଭକ୍ତମାନେ ବିହ୍ୱଳ ହୁଅନ୍ତି । ପରଦିନ ସ୍ନାନାଦି ସମାପନ କରି ଭକ୍ତମାନେ ସେମାନଙ୍କ ଉପବାସ ଭଙ୍ଗ କରନ୍ତି। ଏହି ଦିନ ଉପବାସରେ ରହିଥିବା ସମସ୍ତ ଭକ୍ତମାନଙ୍କ ମନ ଓ ଶରୀରରେ ବୃଦ୍ଧିପାଇଥିବା କାମ-ବାସନା, ଲୋଭ ଓ ହିଂସା ଭାବନା ଅନେକ ମାତ୍ରାରେ ହ୍ରାସ ଘଟିଥାଏ । ଫଗୁଣ ମାସର କୃଷ୍ଣପକ୍ଷର ଚତୁର୍ଥୀ ତିଥିକୁ ମହା ଶିବରାତ୍ରୀ ଭାବେ ସଭିଁଏ ଜାଣନ୍ତି। ଏହି ଦିନ ଭକ୍ତମାନେ ଯାହା ମନାସନ୍ତି ଭକ୍ତି ଅନୁସାରେ ଫଳ ନିଶ୍ଚୟ ମିଳିଥାଏ। ପାରିବାରିକ ସମସ୍ୟା, ରୋଗବ୍ୟାଧି ଓ ଧନ, ସନ୍ତାନପ୍ରାପ୍ତି, ବିବାହ ଆଦି ବିଭିନ୍ନ ସମସ୍ୟା ନେଇ ଭକ୍ତ ଗଣ ମହାଦେବଙ୍କ ନିକଟରେ ପହଞ୍ଚିଥାନ୍ତି ।ରାତ୍ରୀ ମଧରେ ଶ୍ରେଷ୍ଠ ରାତ୍ରୀ ମହାଶିବରାତ୍ରୀ, ଯେମିତି ସବୁ ବ୍ରତ ମଧରେ ଶ୍ରେଷ୍ଠ ଷୋଳ ସୋମବାର ବ୍ରତ, ମନ୍ତ୍ର ମଧରେ ଶ୍ରେଷ୍ଠ ମହାମୃତ୍ୟୁଞ୍ଜୟ ମନ୍ତ୍ର ସେମିତି ନାମ ମଧରେ ଶିବ ସେହିଁ ଦେବାଦି ଦେବ ମହାଦେବ ସୃଷ୍ଟିର ଆରମ୍ଭରେ ପ୍ରଥମେ ଶିବ, ସେ ନିଜ ଦେହରୁ ସୃଷ୍ଟିକଲେ ପ୍ରକୃତି । ଶିବ ଏବଂ ଶକ୍ତିର ମିଳନରେ ସୃଷ୍ଟି ହେଲା ପ୍ରକ୍ରିୟା । ସେଇଠାରୁ ଆରମ୍ଭ ହେଲା ସୃଷ୍ଟି ସଂଚାଳନ ।

-ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର, ମୋ:୯୯୩୮୧୧୩୨୨୬

CMYK

- Vol.- 45, Issue No. 315
- Sunday, 15 February 2026
- ରବିବାର, ୧୫ ଫେବୃଆରୀ ୨୦୨୬
- Bhubaneswar
- Price: Rs. 2.00, Page: 3
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ମୋଦିଙ୍କ ଐତିହାସିକ ଅବତରଣ

- ଯୁଦ୍ଧ ଓ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରସ୍ତୁତ ଆସାମର ମୋରାନ୍ ଇଏଲ୍ଏଫ
- ପ୍ରଥମ ଜରୁରୀକାଳୀନ ଅବତରଣ ସୁବିଧା




ଡିବ୍ରୁଗଡ଼ (ଆସାମ), ୧୪।୨: ଯୁଦ୍ଧ କିମ୍ବା ବିପର୍ଯ୍ୟୟ ସମୟରେ ସାମରିକ ବିମାନ ଷ୍ଟ୍ରିପ୍‌ରେ ରୂପାନ୍ତରିତ ହୋଇପାରିବା ପାଇଁ ଆସାମରେ ୪.୨ କିଲୋମିଟର ଜାତୀୟ ରାଜପଥ ଶନିବାର ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ଷମ ହୋଇଛି। ଏହା ଉତ୍ତର-ପୂର୍ବର ପ୍ରଥମ ଜରୁରୀକାଳୀନ ଅବତରଣ ସୁବିଧା (ଇଏଲଏଫ) ପାଲଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଡିବ୍ରୁଗଡ଼ ଜିଲ୍ଲାର ମୋରାନ୍ ବାଇପାସ୍‌ରେ ଏହି ସୁବିଧା ଉଦ୍ଘାଟନ କରିଥିଲେ। ଏହା ଭାରତର ପୂର୍ବସୀମା ନିକଟରେ ଏକ ରଣନୈତିକ ଗୁରୁତ୍ୱପୂର୍ଣ୍ଣ କରିଡର। ଅଧିକାରୀମାନେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶନିବାର ସକାଳେ ନୂଆଦିଲ୍ଲୀରୁ ଆସି ଚାବୁଆ ବାୟୁସେନା ଷ୍ଟେସନରେ ଅବତରଣ କରିଥିଲେ। ସେଠାରୁ, ସେ ମୋରାନ୍ ଇଏଲଏଫରେ ଅବତରଣ କରିବା ପାଇଁ ଏକ ବିମାନରେ ଚଢ଼ିଥିଲେ, ଯେଉଁଠାରେ ଏକ ପ୍ରମୁଖ ଏୟାର ଶୋ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୩୦ ମିନିଟ୍ ମଧ୍ୟରେ, ପ୍ରାୟ ୧୬ଟି ଭାରତୀୟ ବାୟୁସେନା (ଆଇଏଏଫ) ବିମାନ ଅବତରଣ କରିବା ସହିତ ଉପରୁ ଉଡ଼ାଣ ଭରିଥିଲା, ଯେଉଁଥିରେ ସୁଖୋଇ ଏମକେଆଇ-୩୦, ରାଫେଲ୍, ହେଲିକପ୍ଟର ଏବଂ ପରିବହନ ବିମାନ ଅନ୍ତର୍ଭୁକ୍ତ। ଚାବୁଆ ଉତ୍ତର-ପୂର୍ବରେ ଥିବା ପ୍ରମୁଖ ବାୟୁସେନା ଷ୍ଟେସନ ମଧ୍ୟରୁ ଗୋଟିଏ ଏବଂ ନୂତନ ରାଜପଥ ଏୟାରଷ୍ଟ୍ରିପ୍ ଏହି ଅଂଚଳର ପ୍ରତିରକ୍ଷା ଭିତ୍ତିଭୂମିରେ କାର୍ଯ୍ୟକ୍ଷମ ନମନୀୟତାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତର ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ପ୍ରଧାନମନ୍ତ୍ରୀ ମୋରାନରେ ଜାତୀୟ ରାଜପଥରୁ ବାୟୁସେନାର ସି-୧୩୦ଜେ ହର୍କୁଲସ୍ ବିମାନ ଯୋଗେ ଗୌହାଟୀ ପାଇଁ ପ୍ରସ୍ଥାନ କରିଥିଲେ। ଯୁଦ୍ଧ ଭଳି ପରିସ୍ଥିତିରେ ରଣନୈତିକ ଗୁରୁତ୍ୱ: ମୋରାନ ଇଏଲଏଫ ଅତ୍ୟନ୍ତ ରଣନୈତିକ ଗୁରୁତ୍ୱ ରଖେ। ଏଠାରୁ ଚୀନ ସୀମା ପ୍ରାୟ ୩୦୦ କିଲୋମିଟର ଦୂରରେ। ଏହି ସ୍ଥାନରୁ ମିଆଁମାର ସୀମା ପ୍ରାୟ ୨୦୦ କିଲୋମିଟର ଦୂରରେ ଅବସ୍ଥିତ। ପ୍ରତିରକ୍ଷା ଅଧିକାରୀମାନେ କହିଛନ୍ତି ଯେ, ଯଦି ଶତ୍ରୁତା ସମୟରେ ପାରମ୍ପରିକ ବାୟୁସେନା ଘାଟି ପ୍ରଭାବିତ ହୁଏ, ତେବେ ଏହି ସୁବିଧା ଦ୍ୱିତୀୟ ରନୱେ ଭାବରେ କାର୍ଯ୍ୟ କରିବ।



ଦିବ୍ୟ କୁଣ୍ଡଳ ହାରମୁଜ୍ଜ୍ୱଳ ମସ୍ତକୋଜ୍ଜ୍ୱଳ ଲୋଳିତଂ
ଗାଢ଼ କୁଣ୍ଡଳ ନେତ୍ର ମୁଜ୍ଜ୍ୱଳ ଚନ୍ଦ୍ରଶୀତଳ ଭାଷିତଂ,
ହସ୍ତ ନିର୍ମଳ ଦଣ୍ଡି ତ୍ରିଶୂଳ ଭାଲେ କମଳ ଧାରିତଂ
ହେ ଶିବାପତି ପାର୍ବତୀପତି ତ୍ରାହିମାଂ ଭବ ସାଗରଂ।

## ୱାର୍ଲଡ ଚାମ୍ପିୟନସିପରେ ଷଷ୍ଠ ସ୍ୱର୍ଣ୍ଣ ଜିତିଲେ ପ୍ରମୋଦ

ଭୁବନେଶ୍ୱର, ୧୪।୨(ନିପ୍ର): ଇତିହାସ ରଚିଲେ ପାରା ବ୍ୟାଡ଼ମିଣ୍ଟନ ପ୍ଲେୟାର ତଥା ଅଲମ୍ପିକ ପଦକ ବିଜେତା ପ୍ରମୋଦ ଭଗତ। ଲଗାତର ଚତୁର୍ଥ ୱାର୍ଲଡ ଚାମ୍ପିଅନସିପ ଟାଇଟେଲ ଶହ ଷଷ୍ଠ ଥର ପାଇଁ ୱାର୍ଲଡ ଚାମ୍ପିୟନସିପରେ ଟାଇଟଲ ଜିତିଛନ୍ତି ପ୍ରମୋଦ। ଏସଏଲ ୩ ବିଭାଗର ପୁରୁଷ ସିଙ୍ଗଲସ ଫାଇନାଲରେ ଇଣ୍ଡୋନେସିଆର ମହମ୍ମଦ ଅଲ ଇମ୍ରାନକୁ ୨-୦ ରେ ହରାଇ ପ୍ରମୋଦ ଏହି ଟାଇଟେଲ ହାସଲ କରିଛନ୍ତି। ଚଳିତ ଥର ସ୍ୱର୍ଣ୍ଣ ସହ ଲିନ ଡାନକୁ ପଛରେ ପକାଇ ୱାର୍ଲଡ ଚମ୍ପିୟନସିପରେ ଷଷ୍ଠ ଗୋଲଡ ଜିତିଛନ୍ତି ପ୍ରମୋଦ।

**ରାଜ୍ୟ କ୍ୟାବିନେଟ : ୪ ପ୍ରସ୍ତାବରେ ମୋହର**

# ଆନନ୍ଦପୁର ବ୍ୟାରେଜ୍ ପାଇଁ ୧୦୦ କୋଟି ମଞ୍ଜୁର



ଭୁବନେଶ୍ୱର, ୧୪।୨: ଓଡ଼ିଶା କ୍ୟାବିନେଟ ଶନିବାର ୪ଟି ପ୍ରସ୍ତାବ ଉପରେ ମୋହର ମାରିଛି। ରାଜ୍ୟ ବଜେଟ ୨୦୨୬-୨୭କୁ ମିଳିଲା କ୍ୟାବିନେଟ୍ ମଞ୍ଜୁରି। ଜଳ ସମ୍ପଦ ବିଭାଗର ୩ ପ୍ରସ୍ତାବରେ ବାଜିଲା କ୍ୟାବିନେଟ୍ ମୋହର। ଆନନ୍ଦପୁର ବ୍ୟାରେଜ୍ ପାଇଁ ୧୦୦ କୋଟି ମଞ୍ଜୁର। ଶ୍ରମ ବିଭାଗର ଗୋଟିଏ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିଲା ରାଜ୍ୟ କ୍ୟାବିନେଟ୍ ବୈଠକ। ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬ ପ୍ରସ୍ତୁତ କରିବା ପାଇଁ ଶ୍ରମ ଏବଂ ଇଏସଆଇ ବିଭାଗର ଏକ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହା ରାଜ୍ୟର ଇଏସଆଇ ବ୍ୟବସ୍ଥା ଅଧୀନରେ ସେବା ପ୍ରଦାନ କରୁଥିବା ରେଡିଓଗ୍ରାଫରମାନଙ୍କ ପାଇଁ ଏକ ନିୟନ୍ତ୍ରିତ ଢାଞ୍ଚା ପାଇଁ ପଥ ପ୍ରଶସ୍ତ କରିବ। ନୂତନ ଭାବରେ ପ୍ରସ୍ତୁତ ହୋଇଥିବା କ୍ୟାଡର ନିୟମଗୁଡ଼ିକ ଓଡ଼ିଶା

### ରାଜ୍ୟ ବଜେଟ ୨୦୨୬-୨୭କୁ ମିଳିଲା ଅନୁମୋଦନ

କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବାରେ ନିଯୁକ୍ତ ବୃତ୍ତିଗତଙ୍କ ନିଯୁକ୍ତି ପ୍ରକ୍ରିୟା, ପଦୋନ୍ନତି ପଥ ଏବଂ ସେବା ସର୍ତ୍ତାବଳୀକୁ ସୁଗମ କରିବା ଲକ୍ଷ୍ୟ ରଖିଛି। ଏହି କର୍ମଚାରୀମାନେ ରାଜ୍ୟବ୍ୟାପୀ କାର୍ଯ୍ୟ କରୁଥିବା କର୍ମଚାରୀ ରାଜ୍ୟ ବୀମା (ଇଏସଆଇ) ହସ୍ପିଟାଲ ଏବଂ ଡିସପେନସାରୀ ଗୁଡ଼ିକରେ କାର୍ଯ୍ୟ କରିବେ। ଏହି ପଦକ୍ଷେପ ଇଏସଆଇ ପ୍ରତିଷ୍ଠାନରେ ନିୟୋଜିତ ରେଡିଓଗ୍ରାଫରମାନଙ୍କ ନିଯୁକ୍ତି ଏବଂ କ୍ୟାରିୟର ପ୍ରଗତିରେ ଅଧିକ ସ୍ୱଚ୍ଛତା ଏବଂ ସମାନତା ଆଣିବା ଆଶା କରାଯାଉଛି।

**ଚାରିଆଡ଼େ ଶିବମୟ ପରିବେଶ**

# ଆଜି ମହାଶିବରାତ୍ରୀ

## ରାତି ୧୦ଟାରେ ଉଠିବ ଶ୍ରୀଲିଙ୍ଗରାଜଙ୍କ ମହାଦୀପ

ଭୁବନେଶ୍ୱର, ୧୪।୨: ରାତି ପାହିଲେ ଜାଗର। ସର୍ବତ୍ର ପରିବେଶ ହେବ ଶିବମୟ। ଶ୍ରଦ୍ଧାଳୁଙ୍କ ମନ ବ୍ୟାକୁଳ ହେଲାଣି। ନେତ୍ର ଦେଖିବ ସେହି ପବିତ୍ର ଫାଲଗୁନ କୃଷ୍ଣ ଚର୍ତୁଦ୍ଦଶୀର ଶ୍ରେଷ୍ଠ ରାତ୍ରୀ ବା ମହାଶିବରାତ୍ରୀ। ମହାଶିବରାତ୍ରିରେ ମହାଦୀପ ଦର୍ଶନ କରିବା ପାଇଁ ସମସ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଉଦ୍ଦେଶ୍ୟରେ କରିବେ ଉପବାସ ଓ ଉପାସନା। ଏହି ମହାନ ପର୍ବ ପାଇଁ ଏକାମ୍ରରେ ସରିଲାଣି ପ୍ରାୟ ସମସ୍ତ ପ୍ରସ୍ତୁତି। ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ନୀତି ନିର୍ଘଣ୍ଟରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ପରିବର୍ତ୍ତିତ ନୀତି ନିର୍ଘଣ୍ଟ ମୁତାବକ ମହାଶିବରାତ୍ରୀରେ ମହାଦୀପ ରାତି ୧୦ଟାରେ ଉଠିବା ପରେ ଚାରି ପ୍ରହର ପୂଜା, ହରିହର ଭେଟ, ବଡ଼ସିଂହାର ଓ ପହୁଡ ସୋମବାର ଭୋର ସାଢେ ୫ଟାରେ ସମ୍ପନ୍ନ ହେବ। ଏ ନେଇ ସ୍ୱତନ୍ତ୍ର ବିଜ୍ଞପ୍ତି ମନ୍ଦିର ପ୍ରଶାସନ ଜାରି କରିଛନ୍ତି। ସେହିପରି କପିଳାସ, ଶ୍ରୀଲୋକନାଥ, ଆଖଣ୍ଡଳମଣି, ଗୁପ୍ତେଶ୍ୱର ପ୍ରଭୃତି ପୀଠ ଜାଗରରେ ଶ୍ରଦ୍ଧାଳୁଙ୍କ ଭିଡ଼ରେ ଭରପୂର ହେବ।

## ୧୬ରୁ ଆରମ୍ଭ ହେବ ଆଧାର ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୪।୨(ନିପ୍ର): ୧୬ ରୁ ଆରମ୍ଭହେବ ଆଧାର ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି। ଆଧାର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ତରଫରୁ ଅଭିଯୋଗଗୁଡ଼ିକର ଶୁଣାଣିକରାଯିବ। ଏଥିପାଇଁ ଓସିଏସି ପୋର୍ଟାଲରେ ପଂଜୀକରଣ କରିବାକୁ ପଡ଼ିବ। ଇଚ୍ଛୁକ ବ୍ୟକ୍ତି ସେମାନଙ୍କ ଆଧାର ସମ୍ବନ୍ଧିତ ଅଭିଯୋଗ ଗୁଡ଼ିକୁ ପୋର୍ଟାଲରେ ପଂଜୀକୃତ କରାଇ ପଂଜୀକରଣପ୍ରାପ୍ତି ସ୍ୱୀକାରପତ୍ର ସହ ଓକାକ ଟାୱାର ତଳ ମହଲା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସର ସୋମବାର ସକାଳ ୧୦.୩୦ରୁ ଉପସ୍ଥିତ ରହି ସମ୍ପୃକ୍ତ ଅଧିକାରୀଙ୍କୁ ସେମାନଙ୍କର ଅଭିଯୋଗ ଜଣାଇ ପାରିବେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଚୌଦ୍ୱାରରୁ ଚମ୍ପଟ, ବୃନ୍ଦାବନରୁ ଗିରଫ

- ବେଶ ବଦଳ ନାଁ ବଦଳ, ମଧୁକାନ୍ତ ରାଣାରୁ ବାସୁ ପାଣ୍ଡେ
- ଗେଷ୍ଟ ହାଉସରେ କାମ କରୁଥିଲା ଫେରାର ଅଭିଯୁକ୍ତ



କଟକ, ୧୪।୨: ଚୌଦ୍ୱାର ସ୍ଥିତ ରାଜ୍ୟର ସର୍ବବୃହତ୍ ମଣ୍ଡଳ କାରାଗାରରୁ ଫେରାର ୨ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ମଧ୍ୟରୁ ଜଣକୁ କମିଶନରେଟ ପୋଲିସ ଉତ୍ତରପ୍ରଦେଶର ବୃନ୍ଦାବନରୁ ଗତ ୧୩ ତାରିଖରେ ଗିରଫ କରିଛି। ଫେରାର ଅଭିଯୁକ୍ତ ମଧୁକାନ୍ତ ରାଣା(୨୪)କୁ କମିଶନରେଟ ପୋଲିସ ଉତ୍ତରପ୍ରଦେଶରୁ ଗିରଫ କରିଛି। ଶନିବାର ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ ଦେବଦତ୍ତ ସିଂହ ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟଜଣେ ଅଭିଯୁକ୍ତକୁ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି। ଗିରଫ ଅଭିଯୁକ୍ତକୁ ୭ ଦିନିଆ ରିମାଣ୍ଡରେ ଅଣାଯିବାକୁ ଆବେଦନ ହୋଇଥିବା ଏକ ସୂତ୍ରରୁ ପ୍ରକାଶ। ପୋଲିସ ସୂଚନା ମୁତାବକ, ଗତ ଅକ୍ଟୋବର ୩ ତାରିଖ ମଧ୍ୟରାତ୍ରିରେ ଚୌଦ୍ୱାର ସରକଲ ଜେଲରୁ ୨ କଏଦୀ ଅଭିଯୁକ୍ତ ମଧୁକାନ୍ତ ରାଣା ଓ ରାଜା ସାହାଣୀ ଫେରାର ହୋଇଯାଇଥିଲେ। ଉଭୟ ଅଭିଯୁକ୍ତ ଟ୍ରେନ ଯୋଗେ ପୁରୀ ଅଭିମୁଖେ ପଳାଇଥିଲେ। ପୁଣି ଟ୍ରେନ ଯୋଗେ ବିହାର ପଳାଇ ଯାଇଥିଲେ ବୋଲି ସିପି ଶ୍ରୀ ସିଂହ ସୂଚନା ଦେଇଛନ୍ତି। ଏହା ପରେ ୨ ଅଭିଯୁକ୍ତ ଅଲଗା ଅଲଗା ହୋଇଯାଇଥିଲେ। ଫେରାର ଅଭିଯୁକ୍ତ ମଧୁକାନ୍ତ ବୃନ୍ଦାବନରେ ଏକ ଗେଷ୍ଟ ହାଉସରେ କାମ କରୁଥିଲା। ମଧୁକାନ୍ତ ନିଜ ନାଁ ଓ ବେଶ ବଦଳାଇ ବାସୁ ପାଣ୍ଡେ ନାଁରେ ସେଠାରେ କାମ କରୁଥିଲା ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ମଧୁକାନ୍ତର ଘର ବିହାର ରାଜ୍ୟ ସରଣ ଜିଲ୍ଲାରେ।

## ଟ୍ରକ-କାର୍ ଧକ୍କା, ୪ ଯବାନଙ୍କ ମୃତ୍ୟୁ

ଧମତରୀ, ୧୪।୨ ଛତିଶଗଡ଼ର ଧମତରୀ ଜିଲ୍ଲାର ଅର୍ଜୁନୀ ଥାନା ଅଞ୍ଚଳ ଅଧୀନ ଖପ୍ରି–ଧମତରୀ ବାଇପାସରେ ଶନିବାର ଭୋର ସମୟରେ ବସ୍ତରରୁ ଫେରୁଥିବା କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ୍)ର ୪ ଜଣ ଯବାନ ଏକ ଟ୍ରକ୍ ଓ କାରର ଭୟାବହ ଧକ୍କାରେ ପ୍ରାଣ ହରାଇଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାରଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା ଏବଂ ସେଥିରେ ବସିଥିବା ଯବାନମାନେ ଗୁରୁତର ଭାବେ ଅଟକି ରହିଥିଲେ। ପୁଲିସ ସୂଚନା ଅନୁଯାୟୀ, ଜଗଦଲପୁର ବଟାଲିଅନରୁ ଆସୁଥିବା ଗୋଟିଏ ଡିଜାୟର କାର ଖପ୍ରି ବାଇପାସ୍ ନିକଟରେ ସାମ୍ନାସାମ୍ନି ଆସୁଥିବା ଟ୍ରକ୍ ସହ ଧକ୍କା ଖାଇଥିଲା। ଧକ୍କା ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ଦୁଇଜଣ ଯବାନଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ଗୁରୁତର ଆହତ ଅନ୍ୟ ଦୁଇଜଣ ଯବାନ ହସ୍ପିଟାଲରେ ପହଞ୍ଚିବାପରେ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି ଏବଂତାଙ୍କର ଚିକିତ୍ସା ଚାଲିଛି।

**ଜମିପଟ୍ଟା ସମ୍ବନ୍ଧୀୟ ସମସ୍ତ ସଂଶୋଧନ କାର୍ଯ୍ୟ**

## ମିଶନ୍ ମୋଡରେ ଶୀଘ୍ର ଶେଷ କର: ରାଜସ୍ୱ ବିଭାଗ

ଭୁବନେଶ୍ୱର, ୧୪।୨(ନିପ୍ର) ଓଡିଶା ସରକାର ରାଜ୍ୟର ସମସ୍ତ ଜିଲ୍ଲାରେ ଜମିପଟ୍ଟା ବା ରେକର୍ଡ ଅଫ ରାଇଟ୍ସ (ଆରଓଆର)ର ୨ ଖାନା (କଲମ୍-୨) ସଂଶୋଧନ ସମ୍ବନ୍ଧୀୟ ଅପେକ୍ଷିତ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ଶୀଘ୍ର ସାରିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାପାଳମାନଙ୍କୁ ବ୍ୟକ୍ତିଗତ ଭାବେ ଏହାର ନିରୀକ୍ଷଣ କରିବାକୁ କୁହାଯାଇଛି। ୧୩ ଫେବୃଆରୀରେ ଜାରି ହୋଇଥିବା ପତ୍ରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ସମସ୍ତ ଅପେକ୍ଷିତ ମାମଲାକୁ ମିଶନ୍ ମୋଡରେ ସମାଧାନ କରିବା ଓ କୌଣସି ପ୍ରକ୍ରିୟାଗତ ବିଳମ୍ବ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲ୍ ଭିତ୍ତିକ ସମୀକ୍ଷା ପରେ ନୂଆପଡ଼ା, କୋରାପୁଟ, ବୌଦ୍ଧ, କଳାହାଣ୍ଡି, ମାଲକାନଗିରି ଓ ସମ୍ବଲପୁର ଆଦି ଜିଲ୍ଲାର ସକ୍ରିୟ ଅଗ୍ରଗତିକୁ ନେଇ ରାଜସ୍ୱ ସଚିବ ସନ୍ତୋଷ ପ୍ରକାଶ କରିଥିବା ବେଳେ କିଛି ଜିଲ୍ଲାରେ ଅଧିକ ବିଳମ୍ବ ଓ ଅସନ୍ତୋଷଜନକ ପ୍ରଗତି ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଡ. ପାଢ଼ୀ କହିଛନ୍ତି ଯେ କଲମ–୨ ବା ଖତିଆନରେ ୨ ଖାନା ସଂଶୋଧନ କେବଳ ଏକ ସାଧାରଣ ସରକାରୀ ପ୍ରକ୍ରିୟା ନୁହେଁ ; ଏହା ଜମି ମାଲିକାନାର ସୁରକ୍ଷା ଓ ସରକାରୀ ସେବା ପ୍ରଦାନ ସହ ସିଧାସଳଖ ଭାବରେ ସମ୍ପୃକ୍ତ। ଏହି ପରିପ୍ରେକ୍ଷୀରେ ଜାରି ହୋଇଥିବା ପ୍ରମୁଖ ନିର୍ଦ୍ଦେଶାବଳୀଗୁଡିକ ମଧ୍ୟରେ ସମୟସୀମା ମଧ୍ୟରେ ନିଷ୍ପତି ନେଇ ସମସ୍ତ ଅପେକ୍ଷିତ ବା ବଳକା ମାମଲାକୁ ମିଶନ୍ ମୋଡରେ ସଠିକ୍ ସମୟରେ ସାରିବାକୁ ଗୁରୁତ୍ୱ ଦିଆଯାଇଛି।

## ଚୋର ସନ୍ଦେହ: ଯୁବକଙ୍କୁ ପିଟି ମାରିଦେଲେ !

ଗଞ୍ଜାମ, ୧୪।୧(ନିପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ସାର୍ଦ୍ଦୁଳ ଗ୍ରାମରେ ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଛି ଏଭଳି ଅଭାବନୀୟ ଘଟଣା ଘଟିଛି। ଶୁକ୍ରବାର ରାତିରେ ଚୋର ସନ୍ଦେହରେ ଦୁଇ ଜଣ ଯୁବକଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧିଥିଲେ ଗ୍ରାମର କିଛି ବ୍ୟକ୍ତି। ଏହାପରେ ଦୁହିଁଙ୍କୁ ପିଟି ପିଟି ଲହୁଲୁହାଣ କରିଦେଇଥିଲେ। ଖବର ପାଇ ଭଞ୍ଜନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦ୍ୱୟଙ୍କୁ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତ ଦୁଇ ଜଣଙ୍କ ମଧ୍ୟରୁ ଜଣକର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତାହତ ଦ୍ୱୟ କନ୍ଧମାଳ ଜିଲ୍ଲାର ବୋଲି ଜଣାପଡିଛି। ମୃତ ଯୁବକ ଜଣକ ହେଲେ କନ୍ଧମାଳ ଜିଲ୍ଲା ଜି ଉଦୟଗିରି ଥାନା ଅନ୍ତର୍ଗତ କୁରୁମୁଙ୍ଗିଆ ଗ୍ରାମର ବାଣଧର ପ୍ରଧାନ (୪୦)। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଏବେ ସୁଦ୍ଧା ଘଟଣାରେ ୩୦ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ଗିରଫ ଭୟରେ ଗାଁ ଏବେ ପୁରୁଷଶୂନ୍ୟ ହୋଇଯାଇଛି।

# ଆମର ଦୃଷ୍ଟିକୋଣ ସୁନାର କେନ୍ଦୁଝର ନିର୍ମାଣ



- ଶିଳ୍ପ ବିବିଧତାରେ ଆଉ ଏକ ଅଧ୍ୟାୟ ଯୋଡ଼ିଲେ ମୁଖ୍ୟମନ୍ତ୍ରୀ
- ୧୦୦ କୋଟିର ଟେକ୍ସଟାଇଲ୍ ପାର୍କ,
- ୧୮୭ କୋଟିର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ଶିଳାନ୍ୟାସ
- ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ

କେନ୍ଦୁଝର, ୧୪।୨(ନିପ୍ର) କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି। କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ସୂଚନା ଥାଉ ଯେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁ ଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲ୍କୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ସେ ଆହୁରି କହିଥିଲେ ଯେ, ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ୍ କନକ୍ଲେଭ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ରାଜ୍ୟ ସାରା ୫୩,୦୦୦ ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓକାକ ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି ଏବଂ ମକର ପର୍ବ ସମୟରେ ୧,୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇ ଥିଲା। ଏକ ସମୃଦ୍ଧ ଓଡ଼ିଶା ଏହାର ଜିଲ୍ଲାଗୁଡ଼ିକର ସମୃଦ୍ଧି ମାଧ୍ୟମରେ ଗଢ଼ି ଉଠିବ। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ୍ ଶକ୍ତି ଏକ ବିକଶିତ ଭାରତ ଆଡକୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ତିଥି : (ତ୍ରୟୋଦଶୀ) : (ଉତ୍ତରାଷାଢା ମକର)
ଅମୃତବେଳା: ଦିବା ଘ.୭।୮ ଗତେ ୧୦।୨୦ ମଧ୍ୟେ

## ଆଜିର ଅନୁଚିନ୍ତନ

ତୁମେ ବିବେକବତୀ ବୁଦ୍ଧି ଦ୍ୱାରା ସମସ୍ତ କର୍ତ୍ତବ୍ୟ -କର୍ମ ମୋତେ ଅର୍ପଣ କରି କାମନା, ମମତା ଓ ସନ୍ତାପରହିତ ହୋଇ ଯୁଦ୍ଧରୂପକ କର୍ତ୍ତବ୍ୟ-କର୍ମ କର।। - ଶ୍ରୀମଦ୍ ଭଗବଦ୍ ଗୀତା

# ହିଂସା ଓ ବିରୋଧର ପ୍ରତିଫଳନ

ବାଂଲାଦେଶର ତ୍ରୟୋଦଶ ସଂସଦୀୟ ନିର୍ବାଚନରେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ନେତୃତ୍ୱାଧୀନ ମେଣ୍ଟ ସପକ୍ଷରେ ୨୧୨ ଆସନ ଯିବା ଅପରପକ୍ଷେ ଏହି ମେଣ୍ଟ ପ୍ରତିପକ୍ଷରେ ଥିବା ଜମାତ୍-ଇ-ଇସଲାମୀ ୭୭ ଆସନ ପାଇବା, ଦର୍ଶାଇ ଦେଇଛି ଯେ ଭୋଟରମାନେ ବୁଝିଶୁଝି ଭୋଟ ଦେଇଥାନ୍ତି। ସେମାନେ ପ୍ରଭେଦ କ'ଣ ଖୁବ୍ ଭଲ ଭାବରେ ବାରି ପାରନ୍ତି। ଲଣ୍ଡନରୁ ବିଏନ୍‌ପି ମୁଖ୍ୟ ତାରିକ ରହମାନ ସ୍ୱଦେଶ ଫେରି ନ ଥିବା ବେଳେ ଶେଖ୍ ହସିନାଙ୍କ ଆୱାମୀ ଲିଗ୍‌କୁ ବେଆଇନ ଘୋଷଣା କରାଯାଇଥିଲା। ସେତେବେଳେ ଜମାତ୍-ଇ-ଇସଲାମୀ ନିଜର ପତିଆରା ବୃଦ୍ଧି କରିଥିଲା। ଜମାତ୍‌ର ପତିଆରା ଯୋଗୁଁ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ତୀବ୍ର ହୋଇଥିଲା। ପରିଣାମରେ ୨୦୨୪ ଅଗଷ୍ଟ ୫ରେ ଆୱାମୀ ଲିଗ୍ ନେତ୍ରୀ ଶେଖ୍ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତର ଆଶ୍ରୟ ନେଇଥିଲେ। କିନ୍ତୁ ହସିନାଙ୍କ ପ୍ରସ୍ଥାନ ପରଠାରୁ କାହା ପ୍ରରୋଚନାରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଲା, ତାହା ସମସ୍ତେ ଜାଣନ୍ତି। ମୌଳବାଦୀ ଚିନ୍ତନ ଦଳକୁ କିଭଳି ବରବାଦ କରେ, ତାହାର ସଦ୍ୟତମ ଦୃଷ୍ଟାନ୍ତ ଜମାତ୍-ଇ-ଇସଲାମୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି ଚିନ୍ତନକୁ ବାଂଲାଦେଶର ମହିଳାମାନେ ନାପସନ୍ଦ କରିବା ସ୍ୱାଭାବିକ। ନିର୍ବାଚନ ପୂର୍ବରୁ ଜମାତ୍ ଆମେରିକା ସହ ବୁଝାମଣା ହେଉ କି ଟଙ୍କା ନିଜ ଦେଶରେ ଟଙ୍କା ବଣ୍ଟା ହେଉ, ତାହା ସଚେତନ ଭୋଟରଙ୍କୁ ଚିନ୍ତା କରିବାର ବେଶ୍ ଖୋରାକ୍ ଯୋଗାଇଥିଲା।

ମହମ୍ମଦ ୟୁନୁସ ଜଣେ ନୋବେଲ ପୁରସ୍କାର ବିଜୟୀ। ହେଲେ କ'ଣ ହେବ, ଅନ୍ତରୀଣ ସରକାର କିଭଳି ଚଳାଇବାକୁ ହେବ ତାହା ଜଣାଥିଲେ ତାଙ୍କ ସମର୍ଥିତ ଦଳ ଆଜି ବାଜିମାତ୍ ମାରିଥାନ୍ତା, ମାତ୍ର ତାହା ତାଙ୍କୁ ଜଣାନାହିଁ। ଦିନେ ଏହି ୟୁନୁସ ଚୀନକୁ ଉସୁକାଇଥିଲେ ଯେ ବାଂଲାଦେଶ ସୀମାବର୍ତ୍ତୀ ଭାରତର ଉତ୍ତର-ପୂର୍ବାଞ୍ଚଳ ସାତ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳରେ ବାଣିଜ୍ୟ ବା ଅର୍ଥନୀତିକ କରିଡ଼ର ଚୀନ ପ୍ରତିଷ୍ଠା କରୁ। କେବଳ ସେତିକି ନୁହେଁ, ଚୀନ ଭାରତୀୟ ଜଳସୀମାରେ ପ୍ରବେଶ କରୁ। ୟୁନୁସ ଭଲ ଭାବରେ ଜାଣିଥିଲେ ଯେ ଭାରତର ପ୍ରତ୍ୟକ୍ଷ ମୁକାବିଲା କେବେହେଲେ ସମ୍ଭବ ନୁହେଁ, ତେଣୁ ପରୋକ୍ଷରେ ଚୀନକୁ ଉସୁକାଇ ନିଜ ଦେଶରେ ନିଜର ପତିଆରା ବୃଦ୍ଧି କରିବାକୁ ଚାହୁଁଥିଲେ। ଚୀନର ବଡ଼ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ହେଉଛି ଭାରତ, ଯଦି ଭାରତ ସହ କୌଣସି କାରଣରୁ ଯୁଦ୍ଧ ଘଟେ, ତେବେ ଚୀନର ମଧ୍ୟ ବିପୁଳ କ୍ଷତି ହେବ ତାହା ଜିନପିଙ୍ଗ ଭଲ ଭାବେ ଜାଣନ୍ତି। ବାସ୍ତବତା ତଥା ଭବିଷ୍ୟତ ନେଇ ଚୀନ ଜାଣେ ବୋଲି ୟୁନୁସଙ୍କ ଉସୁକାଣରେ ଏହା ଫସିଲା ନାହିଁ। ଜଣେ ରାଷ୍ଟ୍ରନୀତିଜ୍ଞ ହେବା ପାଇଁ ଯେଉଁ ଦୂରଦୃଷ୍ଟି ଆବଶ୍ୟକ ନ ଥିଲା ବୋଲି ଭାରତ ସହ ଅଯଥା ବିବାଦରେ ଲିପ୍ତ ହେଲେ ୟୁନୁସ। ନୂଆ ସରକାରଙ୍କୁ ଏବେ ଏହା କ୍ଷମତା ହସ୍ତାନ୍ତର କରିବାକୁ ଯାଉଛି।

ମୂଳତଃ ଭାରତ ହେଉଛି ବାଂଲାଦେଶର ଜନ୍ମଦାତା। ବିଏନ୍‌ପି ମୁଖ୍ୟ ନିଜ ରାଷ୍ଟ୍ରର ଉନ୍ନତି କରିବାକୁ ଚାହିଁଲେ ଭାରତ ସହ ମିତ୍ରତା ସର୍ବପ୍ରଥମ କି ନୁହେଁ, ତାହା ସମୀକ୍ଷା ପୂର୍ବକ ଜାଣିପାରିବେ। ୟୁନୁସ ଭାଙ୍ଗିରୁଜି ଦେଇଥିବା ସଂପର୍କର ପୁନଃନିର୍ମାଣ ନ ହେଲେ ଆଗକୁ ଏହା ଦ୍ୱିତୀୟ ୟୁନୁସ ସରକାରରେ ପରିଣତ ହେବା ଆଶଙ୍କା ରହିପାରେ।

# ମହାଶିବରାତ୍ରି : ଶିବଙ୍କ ୧୦୮ ନାମ ଓ ଅର୍ଥ

**କବୀର କୁମାର ଜେନା**

> ବିଜ୍ଞାନ ପାଇଁ ଯାହା ତଥ୍ୟ, ଜଣେ ଯୋଗୀ ପାଇଁ ତାହା ଅନୁଭବଶୀଳ ବାସ୍ତବତା। ଏକତ୍ୱକୁ ଅନୁଭବ କରୁଥିବା ମଣିଷ ହିଁ ଯୋଗୀ। ଯୋଗ ଭିନ୍ନ ଭିନ୍ନ ହୋଇପାରେ ତେବେ ଏକତ୍ୱକୁ ଅନୁଭବ କରିବା ସମସ୍ତ ଯୋଗର ମୁଖ୍ୟ ଲକ୍ଷ୍ୟ। ମହାଶିବରାତ୍ରିରେ ଏହା ଅନୁଭବ କରିବା ପାଇଁ ସୁଯୋଗ ମିଳେ।

ଓଁ ତ୍ରୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ୍, ଉର୍ବାରୁକମିବ ବନ୍ଧନାନ୍ ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍''

ପ୍ରତ୍ୟେକ ଧର୍ମ ପ୍ରାଣ ହିନ୍ଦୁ ବିଶ୍ୱାସ କରନ୍ତି - ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଓ ଶିବ ସଂହାର କର୍ତ୍ତା । ସମସ୍ତେ ହେଉଛନ୍ତି ଏକ ପରମାତ୍ମାଙ୍କର ବିଭିନ୍ନ ସ୍ୱରୂପ । ଭିନ୍ନ ଭିନ୍ନ ଉତ୍ସବରେ ଭିନ୍ନ ଭିନ୍ନ ପୋଷାକ ପରିଧାନ କରିବା ପରି ଏ ସବୁ ପରିକଳ୍ପନା କରାଯାଇଛି । ବ୍ରହ୍ମା, ବିଷ୍ଣୁ ଓ ଶିବ ଯଥାର୍ଥରେ ଏକ ଓ ଅଭିନ୍ନ। ସବୁରି ମୂଳରେ ବ୍ୟକ୍ତି ବିଶେଷର ବିଶ୍ୱାସ ଓ ଭକ୍ତି ନିହିତ । ରଜଗୁଣର ବଶବର୍ତ୍ତୀ ହୋଇ ଦେବତା ଯେତେବେଳେ ସୃଷ୍ଟି କରନ୍ତି, ସେତେବେଳେ ତାଙ୍କୁ ବ୍ରହ୍ମା, ସତ୍ତ୍ୱ ଗୁଣର ପ୍ରଭାବରେ ପ୍ରଭାବିତ ହୋଇ ଯେତେବେଳେ ପୃଥିବୀକୁ ରକ୍ଷା କରନ୍ତି, ସେତେବେଳେ ତାଙ୍କୁ ବିଷ୍ଣୁ ଓ ତମ ଗୁଣରେ ଆସକ୍ତ ହୋଇ ଯେତେବେଳେ ପୃଥିବୀକୁ ଧ୍ୱଂସ କରନ୍ତି, ସେତେବେଳେ ସେ ଶିବ ହୋଇଥାନ୍ତି । ଶିବଙ୍କୁ ଦେବ ଦେବ ମହାଦେବ କୁହାଯାଏ । 'ଶିବ' ଶବ୍ଦର ଅର୍ଥ ମଙ୍ଗଳମୟ ।

ଭଗବାନ ଶିବଙ୍କ ଅନେକ ନାମ ରହିଛି। ତେବେ ତାଙ୍କର ୧୦୮ଟି ମୁଖ୍ୟ ନାମ ଉଚ୍ଚାରଣ କରି ମହାଦେବଙ୍କୁ ଉପାସନା କରିବା ଦ୍ୱାରା ବିଶେଷ ସିଦ୍ଧି ଲାଭ ହୋଇଥାଏ। ଶିବ-କଲ୍ୟାଣ ସ୍ୱରୂପ, ମହେଶ୍ୱର-ମାୟାର ଅଧୀଶ୍ୱର, ଶମ୍ଭୁ-ଆନନ୍ଦ ସ୍ୱରୂପ, ପିନାକୀ-ପିନାକ ଧନୁଧାରଣକାରୀ, ଶଶିଶେଖର-ମସ୍ତକରେ ଚନ୍ଦ୍ରମା ଧାରଣକାରୀ, ବାମଦେବ - ଅତ୍ୟନ୍ତ ସୁନ୍ଦର, ବିରୂପାକ୍ଷ - ଆକର୍ଷଣୀୟ ଚକ୍ଷୁବିଶିଷ୍ଟ, କପର୍ଦୀ - ଜଟାଜୁଟ ଧାରଣକାରୀ, ନୀଳଲୋହିତ - ନୀଳ ଏବଂ ଲାଲ ରଙ୍ଗର ଚକ୍ଷୁଧାରୀ, ଶଙ୍କର - ସମସ୍ତଙ୍କ କଲ୍ୟାଣକାରୀ, ଶୂଳପାଣି - ହାତରେ ତ୍ରିଶୂଳଧାରୀ, ଖଟ୍ୱାଙ୍ଗ - ଖଟବଙ୍ଗା (ଏକ ପ୍ରକାର ଚିମୁଟା) ଧାରଣକାରୀ, ବିଷ୍ଣୁବଲ୍ଲଭ - ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ, ଶିପିବିଷ୍ଟ - ଯାହାଙ୍କ ସ୍ୱରୂପରୁ ସର୍ବଦା ଉଜ୍ଜ୍ୱଳ ରଶ୍ମି ନିର୍ଗତ ହୋଇଥାଏ, ଅମ୍ବିକାନାଥ - ଭଗବତୀଙ୍କ ପତି, ଶ୍ରୀକଣ୍ଠ - ସୁନ୍ଦର କଣ୍ଠଧାରୀ, ଭକ୍ତବତ୍ସଳ - ଭକ୍ତଙ୍କୁ ଅତ୍ୟନ୍ତ ସ୍ନେହ କରୁଥିବା ଭଗବାନ, ଭବ - ସଂସାରର ରୂପରେ ପ୍ରକଟ ହୋଇଥିବା ଦେବତା, ଶର୍ବ - କଷ୍ଟହରଣକାରୀ, ତ୍ରିଲୋକେଶ - ତିନିଲୋକର ସ୍ୱାମୀ, ଶୀତିକଣ୍ଠ - ସ୍ୱଚ୍ଛ କଣ୍ଠଧାରୀ, ଶିବାପ୍ରିୟ - ପାର୍ବତୀଙ୍କ ପ୍ରିୟ, ଉଗ୍ର - ଅତ୍ୟନ୍ତ ଉଗ୍ରରୂପୀ, କପାଳୀ - କପାଳଧାରଣକାରୀ, କାମାରୀ - କାମନାର ଶତ୍ରୁ, ଅନ୍ଧକାସୁରସୂଦନ - ଅନ୍ଧକ ଦୈତ୍ୟର ବିନାଶକାରୀ, ଗଙ୍ଗାଧାର - ଜଟାରେ ଗଙ୍ଗାଧାରଣକାରୀ, ଲଲାଟାକ୍ଷ - ଲଲାଟରେ ଚକ୍ଷୁଥିବା ଦେବତା, କାଳକାଳ - କାଳର କାଳ, କୃପାନିଧି - କରୁଣାର ଅବତାର, ଭୀମ - ଭୟଙ୍କର ରୂପ ବିଶିଷ୍ଟ, ପରଶୁହସ୍ତ - ହାତରେ ପର୍ଶୁ ବା ଫାର୍ସା ଧାରଣକାରୀ, ମୃଗପାଣି - ହାତରେ ହରିଣଧାରଣକାରୀ, ଜଟାଧର - ଜଟା ରଖୁଥିବା ଶିବ, କୈଳାସବାସୀ - କୈଳାସ ନିବାସୀ, କବଚୀ - କବଚ ଧାରଣକାରୀ, କଠୋର - ଅତ୍ୟନ୍ତ ମଜଭୂତ ଶରୀରବିଶିଷ୍ଟ, ତ୍ରିପୁରାନ୍ତକ - ତ୍ରିପୁରାସୁରର ବଧ କରିଥିବା ଦେବତା, ବୃଷାଙ୍କ - ବଳଦର ଚିହ୍ନ ଥିବା ପତାକାଧାରଣକାରୀ, ବୃଷଭାରୂଢ଼ - ବୃଷଭ ବାହନରେ ସବାର ହୋଇଥିବା ଦେବତା, ଭସ୍ମୋଦ୍ଧୁଲିତବିଗ୍ରହ - ସାରା ଶରୀରରେ ଭସ୍ମ ବୋଳୁଥିବା ଶିବ, ସାମପ୍ରିୟ - ସାମସଂଗୀତ ପ୍ରେମୀ, ସ୍ୱରମୟୀ - ସାତସ୍ୱରର ଭଣ୍ଡାର, ତ୍ରୟୀମୂର୍ତ୍ତୀ - ବେଦରୂପୀ ବିଗ୍ରହ, ଅନୀଶ୍ୱର - ସମସ୍ତଙ୍କ ଠାରୁ ଊର୍ଦ୍ଧ୍ୱରେ ଈଶ୍ୱର, ସର୍ବଜ୍ଞ - ସବୁକିଛି ଜାଣିଥିବା ଦେବତା, ପରମାତ୍ମା - ସମସ୍ତ ଆତ୍ମାର ମୂଳତତ୍ତ୍ୱ, ସୋମସୂର୍ଯ୍ୟାଗ୍ନିଲୋଚନ - ଚନ୍ଦ୍ର, ସୂର୍ଯ୍ୟ ଏବଂ ଅଗ୍ନିରୂପୀ ଚକ୍ଷୁବିଶିଷ୍ଟ, ହବି - ଆହୁତିରୂପୀ ଦ୍ରବ୍ୟ ଗ୍ରହଣ କରୁଥିବା ଈଶ୍ୱର, ଯଜ୍ଞମୟ - ଯଜ୍ଞସ୍ୱରୂପ ବିଶିଷ୍ଟ, ସୋମ - ଉମାଙ୍କ ସହିତ ଶିବ, ପଞ୍ଚବକ୍ତ୍ର - ପଞ୍ଚମୁଖଧାରୀ, ସଦାଶିବ - ନିତ୍ୟ କଲ୍ୟାଣକାରୀ, ବିଶ୍ୱେଶ୍ୱର - ସାରା ବିଶ୍ୱର ଈଶ୍ୱର, ବୀରଭଦ୍ର - ବୀର କିନ୍ତୁ ଶାନ୍ତସ୍ୱରୂପ, ଗଣନାଥ - ଗଣମାନଙ୍କ ସ୍ୱାମୀ, ପ୍ରଜାପତି - ପ୍ରଜାଙ୍କ ପାଳନକାରୀ, ହିରଣ୍ୟରେତା - ସୁବର୍ଣ୍ଣ ଭଳି ଉଜ୍ଜ୍ୱଳ, ଦୁର୍ଦ୍ଧର୍ଷ - କାହାର ପ୍ରଭାବରେ ଦବି ଯାଉନଥିବା ଈଶ୍ୱର, ଗିରୀଶ - ପାହାଡ଼ର ମାଲିକ, ଗିରୀଶ - କୈଳାସ ପର୍ବତରେ ଶୟନ କରୁଥିବା ଈଶ୍ୱର, ଅନଘ - ପାପରହିତ, ଭୁଜଙ୍ଗଭୂଷଣ - ସାପର ଅଳଙ୍କାର ଧାରଣକାରୀ, ଭର୍ଗ - ପାପ ବିନଷ୍ଟ କରୁଥିବା ଦେବତା, ଗିରୀଧନ୍ୱା - ମେରୁ ପର୍ବତକୁ ଧନୁ ଆକାରରେ ଧାରଣକାରୀ, ଗିରିପ୍ରିୟ - ପର୍ବତପ୍ରେମୀ, କୃତ୍ତିବାସା - ଗଜଚର୍ମ ପିନ୍ଧୁଥିବା ଶିବ, ପୁରାରାତି - ସମସ୍ତ ପୁର ନାଶକାରୀ, ଭଗବାନ - ସର୍ବସମର୍ଥ ଷଡ଼ ଐଶ୍ୱର୍ଯ୍ୟ ସମ୍ପନ୍ନ, ପ୍ରଥମାଧୀପ - ପ୍ରଥମ ଗଣଙ୍କ ଅଧିପତି, ମୃତ୍ୟୁଞ୍ଜୟ - ମୃତ୍ୟୁ ବିଜୟୀ, ସୂକ୍ଷ୍ମତନୁ - ସୂକ୍ଷ୍ମ ଶରୀର ବିଶିଷ୍ଟ, ଜଗଦ୍‌ବ୍ୟାପୀ - ଜଗତରେ ପରିବ୍ୟାପ୍ତ, ଜଗଦ୍‌ଗୁରୁ - ସାରା ଜଗତର ଗୁରୁ, ବ୍ୟୋମକେଶ - ଆକାଶରୂପୀ କେଶଧାରୀ, ମହାସେନଜନକ - କାର୍ତ୍ତିକେୟଙ୍କ ପିତା, ଚାରୁବିକ୍ରମ - ସୁନ୍ଦର ପରାକ୍ରମୀ, ରୁଦ୍ର - ଭକ୍ତଙ୍କ ଦୁଃଖ ଦୂର କରୁଥିବା ଈଶ୍ୱର, ଭୂତପତି - ପଞ୍ଚଭୂତର ସ୍ୱାମୀ, ସ୍ଥାଣୁ - ସ୍ପନ୍ଦନରହିତ କୁଟସ୍ଥ ରୂପ ବିଶିଷ୍ଟ, ଅହିର୍ବୁଧ୍ନ୍ୟ - କୁଣ୍ଡଳିନୀ ଧାରଣକାରୀ, ଦିଗମ୍ବର - ନଗ୍ନ, ଆକାଶରୂପୀ ବସ୍ତ୍ରଧାରୀ, ଅଷ୍ଟମୂର୍ତ୍ତି - ଆଠରୂପ ବିଶିଷ୍ଟ, ଅନେକାତ୍ମା - ଅନେକ ରୂପ ବିଶିଷ୍ଟ, ସାତ୍ତ୍ୱିକ - ସତ୍ତ୍ୱ ଗୁଣଧାରୀ, ଶୁଦ୍ଧବିଗ୍ରହ - ଶୁଦ୍ଧମୂର୍ତ୍ତି ଈଶ୍ୱର, ଶାଶ୍ୱତ - ନିତ୍ୟ ଅବସ୍ଥାନକାରୀ, ଖଣ୍ଡପର୍ଶୁ - ଭଗ୍ନ ଫାର୍ସାଧାରୀ, ଅଜ - ଜନ୍ମ ଠାରୁ ଊର୍ଦ୍ଧ୍ୱରେ, ପାଶବିମୋଚନ - ବନ୍ଧନରୁ ମୁକ୍ତ କରୁଥିବା ଈଶ୍ୱର, ମୃଡ - ସୁଖସ୍ୱରୂପୀ, ପଶୁପତି - ପଶୁମାନଙ୍କ ଈଶ୍ୱର, ଦେବ - ସ୍ୱୟଂପ୍ରକାଶରୂପୀ, ମହାଦେବ - ଦେବତାମାନଙ୍କ ଦେବତା, ଅବ୍ୟୟ - ବ୍ୟୟ ହେଉନଥିବା ଦେବତା, ହରି-ବିଷ୍ଣୁସ୍ୱରୂପ, ପୁଷଦନ୍ତଭିତ୍ - ପୁଷାର ଦନ୍ତ ଉପାଡିଥିବା ଦେବତା, ଅବ୍ୟଗ୍ର - କେବେହେଲେ ବ୍ୟଗ୍ର ହେଉନଥିବା ଈଶ୍ୱର, ଦକ୍ଷାଧ୍ୱରହର - ଦକ୍ଷଙ୍କ ଯଜ୍ଞ ନଷ୍ଟକାରୀ, ହର-ପାପସନ୍ତାପ ଦୂରକାରୀ, ଭଗନେତ୍ରଭିଦ୍ - ଭଗ ଦେବଙ୍କ ଚକ୍ଷୁନଷ୍ଟକାରୀ, ଅବ୍ୟକ୍ତ - ଯାହାଙ୍କୁ ବ୍ୟକ୍ତ କରିବା ଅସମ୍ଭବ, ସହସ୍ରାକ୍ଷ - ଅସୀମ ଚକ୍ଷୁବିଶିଷ୍ଟ, ସହସ୍ରପାଦ - ଅନନ୍ତ ପାଦ ବିଶିଷ୍ଟ, ଅପବର୍ଗପ୍ରଦ - କୈବଲ୍ୟ ମୋକ୍ଷ ପ୍ରଦାନକାରୀ, ଅନନ୍ତ - ଦେଶକାଳବସ୍ତୁରୂପୀ ପରିଚ୍ଛେଦରୁ ମୁକ୍ତ, ତାରକ - ସମସ୍ତଙ୍କ ଉଦ୍ଧାରକାରୀ, ପରମେଶ୍ୱର - ସମସ୍ତଙ୍କ ଠାରୁ ଊର୍ଦ୍ଧ୍ୱରେ ଈଶ୍ୱର।



ମଣିଷ ଜୀବନ, ପଦାର୍ଥ, ସାରା ଜଗତ୍, ବିଶ୍ୱ ବ୍ରହ୍ମାଣ୍ଡ ବାବଦରେ ଯାହା ଜାଣେ, ତାହା କେବଳ ଏକ ଶକ୍ତି, ଯାହା ଲକ୍ଷାଧିକ ପ୍ରକାରେ ପ୍ରକଟିତ। ଏହା ଆଧୁନିକ ବିଜ୍ଞାନ ସମ୍ମତ ମଧ୍ୟ। ବିଜ୍ଞାନ ପାଇଁ ଯାହା ତଥ୍ୟ, ଜଣେ ଯୋଗୀ ପାଇଁ ତାହା ଅନୁଭବଶୀଳ ବାସ୍ତବତା। ଏକତ୍ୱକୁ ଅନୁଭବ କରୁଥିବା ମଣିଷ ହିଁ ଯୋଗୀ। ଯୋଗ ଭିନ୍ନ ଭିନ୍ନ ହୋଇପାରେ ତେବେ ଏକତ୍ୱକୁ ଅନୁଭବ କରିବା ସମସ୍ତ ଯୋଗର ମୁଖ୍ୟ ଲକ୍ଷ୍ୟ। ମହାଶିବରାତ୍ରିରେ ଏହା ଅନୁଭବ କରିବା ପାଇଁ ସୁଯୋଗ ମିଳେ।

ସେଥିପାଇଁ ମହାଶିବରାତ୍ରୀକୁ ନିଶ୍ଚଳତାର ଦିନ କୁହାଯାଇଥାଏ। ମହାଶିବରାତ୍ରୀ ଏକ ତପସ୍ୱୀ ଏବଂ ଜିଜ୍ଞାସୁ ସମ୍ମୁଖରେ ଅନେକ ସମ୍ଭାବନା ସୃଷ୍ଟି କରିଥାଏ। ଏହି ଦିବସରେ ମନୁଷ୍ୟ ଧ୍ୟାନ ଏବଂ ଶିବ ଆରାଧନାରେ ସମୟ ବ୍ୟତୀତ କଲେ ପରମ ଆନନ୍ଦ ଲାଭ କରିପାରିବ। ଯାହା ମନୁଷ୍ୟକୁ ଜୀବନ ଜିଇଁବାର ପ୍ରେରଣା ଯୋଗାଇବ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୮୯୧୭୩୭୭୯୮୭

# ମହାଶିବରାତ୍ରି ଜାଗର

**ଅଧ୍ୟାପକ ରାଜେଶ ରାୟ**

ମହାଦେବ ଶିବ ତ୍ରୈଲୋକ୍ୟ ନାଥ ସେ ମହି ମଣ୍ଡଳର ରାଜା , ବାବା ଲୋକନାଥ କେତେ ରୂପ ତାଙ୍କ ଆମେ ସବୁ ଅଟୁ ପ୍ରଜା । ଦେବଙ୍କର ଦେବ ସିଏ , କାଳର ସ୍ୱାମୀ ସିଏ । ସିଏ ସତ୍ୟ , ସିଏ ଶିବ , ସିଏ ପୁଣି ସୁନ୍ଦର । ସାରା ସଂସାରକୁ ବୈରାଗ୍ୟର ସୂତ୍ରରେ ବାନ୍ଧିଥିବା ପ୍ରଭୁ ଭୋଳାନାଥଙ୍କର ସବୁଠୁ ପ୍ରିୟ ଦିନ ହେଉଛି ମହାଶିବରାତ୍ରି ଜାଗର। ଏହି ଦିନ ମନ, ପ୍ରାଣ ଓ ଆତ୍ମାକୁ ତାଙ୍କରି ପାଖରେ ସମର୍ପଣ କରି ଶୁଦ୍ଧ ମନରେ ତାଙ୍କୁ ପୂଜାକଲେ ସେ ସନ୍ତୁଷ୍ଟ ହୁଅନ୍ତି । କୁହାଯାଏ ଶିବ ହେଉଛନ୍ତି ଆଶୁତୋଷ , ଭକ୍ତିର ସହ ତାଙ୍କୁ ସ୍ମରଣ କଲେ ସିଏ ଶୀଘ୍ର ଡାକ ଶୁଣନ୍ତି । ତେବେ ଏହି ଜାଗର ପର୍ବକୁ ଶିବଙ୍କର ଦିନ ବୋଲି ବିବେଚନା କରାଯାଏ । ଶିବ ପୁରାଣ ଅନୁଯାୟୀ ଏହି ଦିନ ଶିବ ନାମ ସ୍ମରଣ କରିବା ମହାପୁଣ୍ୟ ବୋଲି କୁହାଯାଇଛି। ଜାଗରର ଅର୍ଥ ' ଜାଗ୍ରତ ରହି ପ୍ରଭୁ ଭକ୍ତିରେ ଲୀନ ହେବା' । ଏହାଦ୍ୱାରା ସମସ୍ତ ପାପ ନାଶ ହେବାସହ ମୋକ୍ଷ ପ୍ରାପ୍ତି ହୁଏ । ମହାଦେବ ମାତା ପାର୍ବତୀଙ୍କୁ ବୁଝାଇ କହିଛନ୍ତି ଯେ ମହାଶିବରାତ୍ରି ଦିନ ଯେଉଁ ଭକ୍ତ ପୂର୍ଣ୍ଣ ନିଷ୍ଠାର ସହ ଉପାସନା କରେ ସେ ସମସ୍ତ ଦୁଃଖରୁ ମୁକ୍ତି ପାଏ ।



ଜାଗର ପଛରେ ଲୁଚି ରହିଥିବା ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଜଣେ ଶିକାରୀ କିପରି ଜଙ୍ଗଲରେ ଅଜାଣତେ ଫସି ଯାଇଥିଲା ଏବଂ ନିଜ ଜୀବନକୁ ରକ୍ଷା କରିବା ପାଇଁ ରାତି ସାରା ଅନିଦ୍ରା ରହି ଗୋଟିଏ ବେଲ ଗଛ ଉପରେ ଆଶ୍ରୟ ନେଇଥିଲା । ତାର ଆଜ୍ଞାତରେ ସେ ବେଲଗଛ ତଳେ ଥିବା ଶିବ ଲିଙ୍ଗ ଉପରେ ଗୋଟିଏ ଗୋଟିଏ ପତ୍ର ଛିଡ଼ାଇ ଫିଙ୍ଗିଥିଲା ଯାହାଦ୍ୱାରା ମହାଦେବ ପ୍ରସନ୍ନ ହୋଇ ସମସ୍ତ ବିପଦକୁ ଦୂର କରିଥିଲେ । ଶିକାରୀ ଜଣକ ସୁସ୍ଥ ପ୍ରାଣରେ ଘରକୁ ଫେରିଥିଲା। ସେହି ରାତ୍ରି ଥିଲା ମହାଶିବରାତ୍ରି । ତେଣୁ ସବୁ ଭକ୍ତମାନେ ଏହିଦିନ ସ୍ୱତନ୍ତ୍ର ଭାବେ ବ୍ରତ ରଖି ମହାଦେବଙ୍କୁ ପୂଜା କରନ୍ତି । ରାତ୍ରି ଚାରି ପ୍ରହର ହୋଇଥିବାରୁ ଜାଗର ଦିନ ପ୍ରତି ପ୍ରହରରେ ବିଶେଷ ପୂଜା ଅନୁଷ୍ଠିତ ହୁଏ । ପ୍ରଥମ ପ୍ରହରରେ ଜଳାଭିଷେକ, ଦ୍ୱିତୀୟ ପ୍ରହରରେ କ୍ଷୀର ଅଭିଷେକ, ତୃତୀୟ ପ୍ରହରରେ ଘୃତ ଅର୍ପଣ ଏବଂ ଚତୁର୍ଥ ପ୍ରହରରେ ମଧୁ ଓ ବେଲପତ୍ର ଅର୍ପଣ କରାଯାଏ । ଜାଗର ଦିନ ଉପବାସ ରହି ଦୀପ ଜାଳିବାର ଏକ ବିଶେଷ ମହତ୍ତ୍ୱ ରହିଛି । ବିଜ୍ଞାନ କହୁଛି, ଉପବାସ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ । ସେଥିପାଇଁ ଉତ୍କଳୀୟ ପରମ୍ପରାରେ ବାର ମାସରେ ତେର ପର୍ବର ଯେଉଁ ପରିକଳ୍ପନା ରହିଛି ସେଥିରେ ଉପବାସକୁ ପ୍ରାଧାନ୍ୟ ଦିଆଯାଇଛି।

ମହାଶିବରାତ୍ରୀ ଦିନ ଅନେକ ଭକ୍ତ ନିର୍ଜଳା ଉପବାସ ରଖିଥାନ୍ତି ଅର୍ଥାତ୍ ସେମାନେ ଜଳ ମଧ୍ୟ ଗ୍ରହଣ କରନ୍ତି ନାହିଁ । ଉପବାସ ଦ୍ୱାରା ଶରୀରରେ ଗଚ୍ଛିତ ରହିଥିବା ବଳକା ଖାଦ୍ୟର ପାଚନ ହେବା ସହ ମାରାତ୍ମକ କ୍ୟାନସର କୋଷିକାମାନଙ୍କର ମଧ୍ୟ ନାଶ ଘଟେ ଏବଂ ଶରୀର ଶୁଦ୍ଧ ହେବାସହ ପାଚନ କ୍ରିୟା ସକ୍ରିୟ ହୁଏ । ସେଥିପାଇଁ ଶିବଭକ୍ତମାନେ ଜାଗର ଦିନ ଉଜାଗର ରହି ପ୍ରଭୁଙ୍କ ପାଖରେ ଭକ୍ତିର ସହ ପ୍ରାର୍ଥନା କରନ୍ତି , ଶିବ ସ୍ତୁତି , ମହାମୃତ୍ୟୁଞ୍ଜୟ ମନ୍ତ୍ର ଆଦି ପାଠ କରନ୍ତି ଏବଂ ଶେଷରେ ମହାଦ୍ୱୀପ ଦର୍ଶନ କରି ନିଜର ବ୍ରତକୁ ସମ୍ପୂର୍ଣ୍ଣ କରିଥାନ୍ତି । ଜାଗର ଦିନ ପ୍ରଭୁଙ୍କ ପାଖରେ ଲାଗି ହେଉଥିବା ବେଲପତ୍ର , ଅରଖ , କିଆ କେତକୀ ଫୁଲର ବିଶେଷତ୍ୱ ସମ୍ପର୍କରେ ବିଭିନ୍ନ ଶାସ୍ତ୍ର ପୁରାଣରେ ବର୍ଣ୍ଣନା କରାଯାଇଛି । ସେହିପରି ଜାଗର ରାତିରେ ଦୀପ ଜାଳିବାର ଯେଉଁ ବିଶେଷ କାରଣଟି ରହିଛି ତାକୁ ଯଦି ଆମେ ବିଚାର କରିବା ତେବେ ରାତ୍ରିର ଅନ୍ଧାରକୁ ଯେପରି ଆଲୋକର ସ୍ପର୍ଶ ଉଜ୍ଜଳିତ କରିଥାଏ ଠିକ୍ ସେହିପରି ଦୀପଟିଏ ଜାଳିଲେ ତାହା ମନ ଅନ୍ଧକାରକୁ ପ୍ରଜ୍ୱଳିତ କରେ । ତେଣୁ ଜାଗର ଦିନ ପ୍ରତ୍ୟେକଟି ଶୈବ ପୀଠ ସୁନ୍ଦର ପୁଷ୍ପରେ ସୁସଜ୍ଜିତ ହୋଇ ଶିବ ଭକ୍ତି ଓ ଆରାଧନାରେ ପୂରିଉଠେ। ସର୍ବୋପରି ଆମେ କହିପାରିବା ସେ ତ୍ୟାଗ , ସମର୍ପଣ , ଭକ୍ତି , ଧ୍ୟାନ ଏବଂ ଭାବର ପର୍ବ ହେଉଛି ମହାଶିବରାତ୍ରି ଜାଗର । ସମସ୍ତ ମୋହ ମାୟା ଠାରୁ ଦୂରେଇ ଯାଇ ଈଶ୍ୱରଙ୍କ ସହ ଏକାକାର ହେବା ହିଁ ଜାଗରର ପ୍ରମୁଖ ବିଶେଷତ୍ୱ । ମହାଦେବଙ୍କ କୃପା ଆଶିଷ ସମସ୍ତଙ୍କ ଉପରେ ରହିଥାଉ ।

ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର
ମୋ- ୬୩୭୧୫୫୫୯୪୦

# କୁହୁଡ଼ି ଓ ଜନସୁରକ୍ଷା

**ଡାକ୍ତର ରାଜକିଶୋର ପଣ୍ଡା**

> କୁହୁଡ଼ି ହେତୁ ଜନସୁରକ୍ଷା କେବଳ ସରକାରଙ୍କର ଦାୟିତ୍ୱ ନୁହେଁ ଏହା ନାଗରିକମାନଙ୍କର ମଧ୍ୟ କର୍ତ୍ତବ୍ୟ। ବିଭିନ୍ନ ସାମାଜିକ ଗଣମାଧ୍ୟମ, ଟିଭି, ରେଡିଓ, ଖବରକାଗଜ ଓ ସାମାଜିକ ମଞ୍ଚ ଜରିଆରେ ଲୋକମାନଙ୍କୁ କୁହୁଡ଼ିଜନିତ ଦୁର୍ଘଟଣା ବିଷୟରେ ସଚେତନ କରାଯିବା ଉଚିତ। କୌଣସି ଯାତ୍ରା ପୂର୍ବରୁ ପାଣିପାଗର ଖବର ଜାଣିବା, ଘନ କୁହୁଡ଼ିରେ ଯାତ୍ରା ନ କରିବା ଓ ଯାନବାହନରେ କୁହୁଡ଼ି ପ୍ରତିରୋଧ ପ୍ରଣାଳୀର ବ୍ୟବହାର ଭଳି ଛୋଟ ଛୋଟ ପଦକ୍ଷେପ ନେଲେ ଆମେ ଏହି ଦୁର୍ଘଟଣାକୁ ଏଡ଼ାଇବାରେ ସମର୍ଥ ହୋଇପାରିବା। କୁହୁଡ଼ି ପଛରେ ବାୟୁ ପ୍ରଦୂଷଣ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେଣୁ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଆମକୁ ଯାନବାହନରୁ ବାହାରୁଥିବା ଧୂଆଁକୁ ହ୍ରାସ କରିବା ପାଇଁ ପଡ଼ିବ।

ସମ୍ପ୍ରତି ଆମ ଓଡ଼ିଶା ଓ ଦେଶର ବିଭିନ୍ନ ସ୍ଥାନରୁ କୁହୁଡ଼ି ଜନିତ ଦୁର୍ଘଟଣାର ଖବର ଆସୁଛି। ରାସ୍ତାର ସୁରକ୍ଷାକୁ ପ୍ରଭାବିତ କରୁଥିବା ସବୁଠାରୁ ଭୟଙ୍କର ପରିସ୍ଥିତିମାନଙ୍କ ମଧ୍ୟରେ କୁହୁଡ଼ି ଅନ୍ୟତମ ଅଟେ। ପ୍ରବଳ ବର୍ଷା ହେଉ କିମ୍ବା ହେଉ ଝଡ଼, କୁହୁଡ଼ି ଏମାନଙ୍କ ପରି ଧ୍ୱନି ସୃଷ୍ଟି କରେ ନାହିଁ କିମ୍ବା କୌଣସି ଆଗମନ ସୂଚନା ମଧ୍ୟ ଦିଏ ନାହିଁ ବରଂ ନୀରବ ଭାବରେ ପରିବେଶକୁ କବଳିତ କରିଥାଏ। ଏହା ମୁଖ୍ୟତଃ ଦୃଶ୍ୟମାନତାକୁ ବହୁମାତ୍ରାରେ ହ୍ରାସ କରିଥାଏ, ଦୂର ଓ ପାଖକୁ ଜାଣିବାରେ ମଧ୍ୟ ଭ୍ରମ ସୃଷ୍ଟି କରିଥାଏ ଏବଂ ମଣିଷର ପ୍ରତିକ୍ରିୟା କ୍ଷମତାକୁ ଧୀର କରିଦେଇଥାଏ। ପ୍ରତିବର୍ଷ ଶୀତଋତୁ ବିଶେଷ କରି ଜାନୁୟାରୀର ମଧ୍ୟଭାଗରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଏହାର ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ। ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହି କୁହୁଡ଼ି ଯୋଗୁଁ ବହୁ ପରିମାଣରେ ରାସ୍ତା ଦୁର୍ଘଟଣା ହୋଇ ଅନେକ ଲୋକ ମୃତ୍ୟୁବରଣ କରୁଛନ୍ତି। ତେଣୁ କୁହୁଡ଼ିଜନିତ ଜନସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରିଣତ ହୋଇଛି ବର୍ତ୍ତମାନ ସମୟରେ।

କୁହୁଡ଼ିରେ ଘଟୁଥିବା ଦୁର୍ଘଟଣାଗୁଡ଼ିକ ବହୁ ସମୟରେ ଘାତକ ହେବାର କାରଣ ହେଉଛି ଦୃଶ୍ୟ ସଙ୍କେତର ଅଚାନକ ଅଦୃଶ୍ୟତା। ଚାଳକ ଯାନବାହନ ଚଳାଉଥିବା ସମୟରେ ଦୂରତା, ବେଗ, ଦିଗ ଆଦି ନିର୍ଣ୍ଣୟ କରିବା ପାଇଁ ନିଜ ଦୃଷ୍ଟି ଉପରେ ହିଁ ନିର୍ଭର କରିଥାଏ। ଘନ କୁହୁଡ଼ିରେ ଯେତେବେଳେ ଚକ୍ଷୁର ଦୃଶ୍ୟମାନ ସୀମା ମାତ୍ର କେଇ ମିଟର ମଧ୍ୟରେ ସୀମିତ ହୋଇଥାଏ, ସେତେବେଳେ ପୁରୁଣା ଚାଳକ ପକ୍ଷରେ ମଧ୍ୟ ଠିକ୍ ସମୟରେ ପ୍ରତିକ୍ରିୟା ପ୍ରକାଶ କଷ୍ଟକର ହୋଇପଡ଼େ। ଏହିପରି ଭାବରେ ଜାତୀୟ ରାଜପଥ ଓ ଅନ୍ୟାନ୍ୟ ରାସ୍ତାରେ ଦ୍ରୁତଗାମୀ ଭାରୀଯାନମାନେ ବାଟରେ ଠିଆ ହୋଇଥିବା ଅନ୍ୟାନ୍ୟ ଗାଡ଼ି, ଚାଲୁଥିବା ପଥଚାରୀ ଓ ଦୁଇଚକିଆ ଯାନକୁ ଧକ୍କା ଦେଇଥାନ୍ତି । ମରଣାନ୍ତକ ପରିସ୍ଥିତି ସୃଷ୍ଟି ହୋଇଥାଏ। ବିଶେଷକରି ପାହାନ୍ତିଆ ବା ଭୋର୍ ସମୟରେ ଏହି ପରିସ୍ଥିତି ବେଶି ଗମ୍ଭୀର ହୋଇଥାଏ, ସେତେବେଳେ ଅନ୍ଧକାର ଓ ଘନ କୁହୁଡ଼ି ମିଶି, ଯାନବାହନର ନିଜସ୍ୱ ଆଲୋକକୁ ନିଷ୍ପ୍ରଭ କରିଦେଇଥାନ୍ତି। ଏହି ସଙ୍କଟମୟ ପରିସ୍ଥିତିରେ ବୈଷୟିକ ଜ୍ଞାନ କୌଶଳର ଅଭାବ ମଧ୍ୟ ଦୁର୍ଘଟଣାର ପ୍ରମୁଖ କାରଣ। ଅଧିକାଂଶ ଜାତୀୟ ରାଜପଥ ତଥା ଦେଶର ଅନ୍ୟାନ୍ୟ ରାସ୍ତାମାନଙ୍କରେ କୁହୁଡ଼ିରେ ଦୃଶ୍ୟ ଶକ୍ତି ବଢ଼ାଇବା ପାଇଁ ଉପଯୋଗୀ ସଂସାଧନଗୁଡ଼ିକର ଘୋର ଅଭାବ ପରିଲକ୍ଷିତ ହୋଇଥାଏ। ରାସ୍ତା ପାଖରେ ଲଗା ହୋଇଥିବା "ପ୍ରତିଫଳକ ରେଖା" ଗୁଡ଼ିକ ଉଚିତ ଯତ୍ନ ଅଭାବରୁ ପ୍ରାୟ ସମୟରେ ଫିକା ପଡ଼ିଯାଇଥାଏ। ସେହିପରି "ସାଙ୍କେତିକ ବୋର୍ଡ଼" ବା "ସାଇନେଜ୍" ଗୁଡ଼ିକରେ ପ୍ରତିଫଳକ ଶକ୍ତି ନ ଥାଏ ଏବଂ ଏଗୁଡ଼ିକ ମଧ୍ୟ ଅଧିକାଂଶ ସମୟରେ ଧୂଳି, ମାଟି ଓ ଗଛପତ୍ର ପରିବେଷ୍ଟିତ ହୋଇଥିବାରୁ ଜନ ଉପଯୋଗୀ ହୋଇପାରେନାହିଁ। ନିୟମ ଅନୁଯାୟୀ ପ୍ରତ୍ୟେକ ଗାଡ଼ିରେ କୁହୁଡ଼ି ପ୍ରତିରୋଧକ "ଫଗ୍ ଲ୍ୟାମ୍ପ" ଲଗାଇବା କଥା କିନ୍ତୁ ଅଧିକାଂଶ କ୍ଷେତ୍ରରେ ସାଧାରଣ ଲୋକ ଏ ବିଷୟରେ ଅଜ୍ଞ ବା ଏହା ଲାଗିଥିଲେ ମଧ୍ୟ ଏହାର ଉଚିତ ଯତ୍ନ ନିଆଯାଏ ନାହିଁ ଓ କାଳକ୍ରମେ ଏହା ଅକାମୀ ହୋଇଯାଇଥାଏ। ତେଣୁ କୁହୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟର ପ୍ରତିରୋଧରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗରେ ଅଭାବ ଓ ଅଜ୍ଞତା ହିଁ ଧନ ଜୀବନ ହାନିର ମୁଖ୍ୟ କାରଣ।

ବର୍ତ୍ତମାନ ଆମେ କୁହୁଡ଼ି ନିୟନ୍ତ୍ରକ କିଛି ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ବିଷୟରେ ଜାଣିବା। ଗୋଟିଏ ହେଉଛି :- "ଇଣ୍ଟଲିଜେଣ୍ଟ ଟ୍ରାନସ୍‌ପୋର୍ଟେସନ୍ ସିଷ୍ଟମ୍"। ଏହା ଏକ ସୁରକ୍ଷାତ୍ମକ ସଂସାଧନ ଭାବରେ ବ୍ୟବହୃତ ହୋଇପାରିବ। ଏହା ମୁଖ୍ୟତଃ ସେନ୍‌ସର୍, କ୍ୟାମେରା, କୃତ୍ରିମ ବୁଦ୍ଧିମତ୍ତା ଓ ସମୟ ନିର୍ଘଣ୍ଟକୁ ହିସାବକୁ ନେଇ ପାଣିପାଗ ସମ୍ପର୍କିତ ଖବର ଓ ସତର୍କତା ତଥ୍ୟ ପ୍ରଦାନ କରିଥାଏ। କୁହୁଡ଼ି ବାବଦରେ ସୂଚନା ସହିତ ରାସ୍ତାର ଭିଡ଼ ନିୟନ୍ତ୍ରଣ ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ।

ବିକଶିତ ଦେଶମାନଙ୍କରେ ରାଜମାର୍ଗ ପାର୍ଶ୍ୱରେ କୁହୁଡ଼ିର ଘନତା ଜାଣିବା ପାଇଁ ସେନସର୍‌ମାନ ବ୍ୟବହାର କରାଯାଉଛି, ଯାହାକି ଚାଳକମାନଙ୍କୁ ସାବଧାନ କରିବା ସହିତ ଗାଡ଼ିର ଗତି କେତେ ରହିବ ସେ ବିଷୟରେ ମଧ୍ୟ ସମ୍ୟକ୍ ବିବରଣୀ ପ୍ରଦାନ କରୁଛି। ଯଦି ଭାରତରେ ଏପରି ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହୋଇପାରନ୍ତା, ତେବେ କୁହୁଡ଼ିଜନିତ ଦୁର୍ଘଟଣାରେ ଯଥେଷ୍ଟ ହ୍ରାସ ଘଟନ୍ତା।

ଏହାପରେ ଆସି ବାହନଜନିତ ବ୍ୟବସ୍ଥାକୁ। ଏପରି ଏକ ପ୍ରଣାଳୀ ହେଉଛି :- "ଆଡାନସଡ୍- ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ୍"। ସେନସର୍, କ୍ୟାମେରା ଓ ସଫ୍ଟୱେରର ପ୍ରୟୋଗ ଏଥିରେ ହୋଇଥାଏ। ମଣିଷର ଭୁଲକୁ କମାଇ ଦୁର୍ଘଟଣା ହ୍ରାସ ଘଟାଇବା ହେଉଛି ଏହାର ପ୍ରାଥମିକ ଲକ୍ଷ୍ୟ। କୁହୁଡ଼ି ପରିପ୍ରେକ୍ଷୀରେ ଏଥିରେ ଥିବା "ଅଟୋମେଟିକ୍ ଏମରଜେନ୍‌ସ ବ୍ରେକିଂ"- ଯାହାକି ଗାଡ଼ି ଧକ୍କା ହେବାର ସମ୍ଭାବନା ସୂଚନା ପାଇବା ମାତ୍ରେ ସ୍ୱତଃ ବ୍ରେକ୍ ଲଗାଇଥାଏ ଓ କୋଲିଜନ୍ ୱାର୍‌ନିଙ୍ଗ୍ ସିଷ୍ଟମ୍ ଯାହାକି କୌଣସି ପ୍ରକାର ସମ୍ଭାବ୍ୟ ଧକ୍କା ସମ୍ବନ୍ଧରେ ଚାଳକକୁ ଆଗୁଆ ସୂଚନା ଦେଇଥାଏ, ଏକ ଏକ ଯୁଗାନ୍ତକାରୀ ବ୍ୟବସ୍ଥା ଅଟେ।

କୁହୁଡ଼ି ଯୋଗୁଁ ରାସ୍ତାରେ ଥିବା "ଲେନ୍" ଯାହା ମଧ୍ୟ ଦେଇ ସାଧାରଣତଃ ଗାଡ଼ି ଯାଇଥାଏ, ତାହା ବେଳେବେଳେ ଜଣାପଡୁନଥିବା ବେଳେ ଉପରୋକ୍ତ ବ୍ୟବସ୍ଥା ଏହା ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥାଏ।

ଇନଫ୍ରାରେଡ୍ କ୍ୟାମେରା ଓ ଥର୍ମାଲ ଇମେଜିଂ କ୍ୟାମେରା ଏହି ଦୁଇଟି ବର୍ତ୍ତମାନ ବିଦେଶରେ ବ୍ୟବହୃତ ହେଉଛି ଏବଂ ବିଶେଷ ଲାଭଦାୟକ ମଧ୍ୟ ସାବ୍ୟସ୍ତ ହେଉଛି, କିନ୍ତୁ ଏହା ଅପେକ୍ଷାକୃତ ଭାବରେ ବ୍ୟୟବହୁଳ। ଭାରତରେ ସରକାରଙ୍କର ସହଯୋଗିତା ଓ ପ୍ରୋତ୍ସାହନ ଭିତ୍ତିରେ ଏହା ଅନ୍ତତଃ ବସ୍ ଓ ଟ୍ରକ୍ ଭଳି ଭାରୀ ଯାନମାନଙ୍କରେ ଲଗାଯାଇପାରିଲେ ଅନେକ ଦୁର୍ଘଟଣାକୁ ରୋକାଯାଇପାରନ୍ତା। ଜାତୀୟ ରାଜପଥର ନିର୍ମାଣ ବା ମରାମତି ସମୟରେ କୁହୁଡ଼ି ପ୍ରପୀଡ଼ିତ କ୍ଷେତ୍ର ଉପରେ ଧ୍ୟାନ ଦିଆଯିବା ନିତାନ୍ତ ଅବଶ୍ୟକ। ସୌରଶକ୍ତିଦ୍ୱାରା ପରିଚାଳିତ ଏଲଇଡି ଆଲୋକର ବ୍ୟବହାର ରାସ୍ତା ପାର୍ଶ୍ୱରେ କରାଯାଇପାରିବ, ବିଶେଷ କରି ଓଭରବ୍ରିଜ୍, ଅଣ୍ଡରପାସ୍ ଓ ଛକ ସ୍ଥାନମାନଙ୍କରେ। ଗାଡ଼ି ଚାଳକମାନଙ୍କୁ କୁହୁଡ଼ିରେ ଗାଡ଼ି ଚଳାଇବା ପାଇଁ ଉପଯୁକ୍ତ ତାଲିମ ପ୍ରଦାନ ସହିତ ମଦ୍ୟପ ଚାଳକମାନଙ୍କୁ ପୋଲିସ୍ ସହାୟତାରେ ଧରି କଠୋର ଦଣ୍ଡବିଧାନ କରିବା ମଧ୍ୟ ଏକାନ୍ତ ଅବଶ୍ୟକ।

ରାସ୍ତା ପାର୍ଶ୍ୱରେ ଅବୈଧ ଭାବରେ ଠିଆ ହୋଇଥିବା ଯାନବାହନ, ନିର୍ମିତ ହୋଇଥିବା ହୋଟେଲ, ଢାବା ଇତ୍ୟାଦିର ଏକ ସ୍ଥାୟୀ ସମାଧାନ ହେବା ଉଚିତ କାରଣ ଏମାନେ ହିଁ ହଠାତ୍ ବାଧା ସୃଷ୍ଟି କରି ଦୁର୍ଘଟଣା ଘଟାଇବାରେ ମୁଖ୍ୟ ଭୂମିକା ନିର୍ବାହ କରନ୍ତି। ସହରର ବିଭିନ୍ନ କୁହୁଡ଼ି ପ୍ରବଣ ରାସ୍ତା ସମ୍ପର୍କରେ ଏକ ନିୟମିତ ଡାଟାବେସ୍ ପ୍ରସ୍ତୁତ କରାଗଲେ, ଜନସାଧାରଣ ଏହାଦ୍ୱାରା ସଚେତନ ହୋଇପାରନ୍ତେ। କୁହୁଡ଼ିଜନିତ ଦୁର୍ଘଟଣାରେ ଆହତ ଲୋକମାନଙ୍କର ଚିକିତ୍ସା ନିମନ୍ତେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଓ ଆମ୍ବୁଲାନ୍ସର ମଧ୍ୟ ପ୍ରାବଧାନ ରହିବା ଆବଶ୍ୟକ କାରଣ ଏଥିରେ ଚିରାଚରିତ ବିଳମ୍ବିତ ପ୍ରକ୍ରିୟା ଯୋଗୁଁ ମୃତାହତଙ୍କ ସଂଖ୍ୟା ବଢ଼ିଯାଇଥାଏ।

ପରିଶେଷରେ କୁହୁଡ଼ି ହେତୁ ଜନସୁରକ୍ଷା କେବଳ ସରକାରଙ୍କର ଦାୟିତ୍ୱ ନୁହେଁ ଏହା ନାଗରିକମାନଙ୍କର ମଧ୍ୟ କର୍ତ୍ତବ୍ୟ। ବିଭିନ୍ନ ସାମାଜିକ ଗଣମାଧ୍ୟମ, ଟିଭି, ରେଡିଓ, ଖବରକାଗଜ ଓ ସାମାଜିକ ମଞ୍ଚ ଜରିଆରେ ଲୋକମାନଙ୍କୁ କୁହୁଡ଼ିଜନିତ ଦୁର୍ଘଟଣା ବିଷୟରେ ସଚେତନ କରାଯିବା ଉଚିତ। କୌଣସି ଯାତ୍ରା ପୂର୍ବରୁ ପାଣିପାଗର ଖବର ଜାଣିବା, ଘନ କୁହୁଡ଼ିରେ ଯାତ୍ରା ନ କରିବା ଓ ଯାନବାହନରେ କୁହୁଡ଼ି ପ୍ରତିରୋଧ ପ୍ରଣାଳୀର ବ୍ୟବହାର ଭଳି ଛୋଟ ଛୋଟ ପଦକ୍ଷେପ ନେଲେ ଆମେ ଏହି ଦୁର୍ଘଟଣାକୁ ଏଡ଼ାଇବାରେ ସମର୍ଥ ହୋଇପାରିବା। କୁହୁଡ଼ି ପଛରେ ବାୟୁ ପ୍ରଦୂଷଣ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେଣୁ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଆମକୁ ଯାନବାହନରୁ ବାହାରୁଥିବା ଧୂଆଁକୁ ହ୍ରାସ କରିବା ପାଇଁ ପଡ଼ିବ। ବୈଦ୍ୟୁତିକ ଯାନର ବ୍ୟବହାର ଏ କ୍ଷେତ୍ରରେ ଏକ ବିକଳ୍ପ। ଆମେ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିପାରିବା ନାହିଁ କିନ୍ତୁ ଏହାକୁ ଉଚିତ ଭାବରେ ପରିଚାଳିତ କରିପାରିବା ଓ ଏଥିରେ କୁହୁଡ଼ି ଅନ୍ତର୍ଭୁକ୍ତ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

15.02.2026.pmd 1 2/14/2026, 5:51 PM

# ପ୍ରଜ୍ୱଳିତ ହେଲା ବୃହତ୍ ଜଗତ ମଙ୍ଗଳ ଜାଗର ଦୀପ

ପୁରୀ,୧୪।୨ (ନିପ୍ର); ମହାଶିବରାତ୍ରୀ ଅବ୍ୟବହିତ ପୂର୍ବରୁ ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ପୁରୀସ୍ଥିତ ଶ୍ରୀଲୋକନାଥଙ୍କ ପୀଠରେ ୧୬ତମ ବୃହତ ଜଗତମଙ୍ଗଳ ଜାଗର ଦୀପ ପ୍ରଜ୍ୱଳିତ ହୋଇଛି ।



ସନ୍ଧ୍ୟାରେ ଶ୍ରୀଲୋକନାଥଙ୍କ ଗମ୍ଭୀରାରୁ ଦୀପ ଆସି ଏହି ବୃହତ୍ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଉପଜିଲାପାଳ ରାଜକିଶୋର ଜେନା ଏବଂ ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବରୁ ଏହି ବୃହତ ଦୀପ ମାଟିରେ ପ୍ରସ୍ତୁତ କରାଯ କରାଯାଉଥିବା ବେଳେ ଗତ ଦୁଇ ବର୍ଷ ହେବ ଏହା ଅଷ୍ଟଷ୍ଟଧାତୁରେ ନିର୍ମିତ ହୋଇଛି। ପ୍ରାୟ ୬ଫୁଟ ଲମ୍ବ, ୪ଫୁଟ ଓସାର ଏବଂ ୩ଫୁଟ ଗଭୀର ବିଶିଷ୍ଟ ଏହି ଦୀପରେ ଏକାଥରେ ଦେଢ଼ କୁଇଣ୍ଟାଲ ଘିଅ ଜଳାଯିବ। ଏକାଦଶୀ ସନ୍ଧ୍ୟାରୁ ମହାଶିବରାତ୍ରି ଜାଗର ଦିନ ଶ୍ରୀଲୋକନାଥ ନାଥଙ୍କ ମହାଦୀପ ଉଠିବା ପର୍ଯ୍ୟନ୍ତ ଏହା ପ୍ରଜ୍ୱଳିତ ହେବ। ୬ଇଞ୍ଚ ‘ ଚଉଡ଼ା ଏବଂ ୧୦ ମିଟର ଲମ୍ବର ବଳିତା ଏହି ଦୀପରେ ବ୍ୟବହାର କରାଯିବ। ବିଶ୍ୱ ଶାନ୍ତି ତଥା ଜଗତ କଲ୍ୟାଣ କଲ୍ୟାଣ ଉଦ୍ଦେଶ୍ୟରେ ଏହି ଦୀପ ପ୍ରତ୍ୟେକ ବର୍ଷ ବର୍ଷ ଶ୍ରୀଲୋକନାଥଙ୍କ ପୀଠରେ ପ୍ରଜ୍ୱଳନ କରାଯାଉଥିବା ଉଦ୍ୟୋକ୍ତା ରାମକୃଷ୍ଣ ହୋତା କହିଛନ୍ତି।

# ବଳଙ୍ଗା ଥାନା ଅଧିକାରୀଙ୍କ ସକ୍ରିୟତା

ପିପିଲି,୧୪।୨ (ନିପ୍ର); ପୁରୀଜିଲ୍ଲା ବଳଙ୍ଗା ଥାନାରେ ନୂତନ ଭାବେ ମହିଳା ଆଇ ଆଇ ସି ସସ୍ମିତା ସାହୁ ବୁଧବାର କାର୍ଯ୍ୟରେ ଯୋଗଦେଇ ଅଛନ୍ତି। କାର୍ଯ୍ୟରେ ଯୋଗଦେବା ପରେ ହଠାତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଗସ୍ତ ସୁରକ୍ଷାରେ ସଠିକ ପରିଚାଳନା କରି ବଳଙ୍ଗା ଅଂଚଳ ରାତ୍ରି ପାଟ୍ରୋଲିଙ୍ଗ କରି ଥିଲେ। ନିଜ ଅଧୀନରେ ଥିବା ଜିଲ୍ଲା ଏସପି ଏବଂ ପିପିଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିଛନ୍ତି। ବଳଙ୍ଗା ଅଂଚଳରେ ଚୋରା ମଦ କାରବାର. ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ, ଦୁର୍ଦାନ୍ତ ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର, ସାଥୀକୁ ଥାନା ଭିତରେ ଓ ବାହାରେ ଡେରା ପକାଉ ଥିବା ଦଲାଲଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଉପରେ କଡା ନଜର ରଖିବା ଓ ଥାନା ଅଂଚଳରେ ଶାନ୍ତି ଶୃଙ୍ଖଳା ବଜାଇ ରହିବା ଗୁରୁ ଦାୟିତ୍ୱ ନଜର ରଖି ଛନ୍ତି। ମହିଳା ଥାନା ଅଧିକାରିଣୀଙ୍କ କାର୍ଯ୍ୟ କଳାପ ଅଂଚଳରେ ପ୍ରସାରିତ ହେଉ ଥିବା ବେଳେ ବିଭିନ୍ନ ମହଲରୁ ସ୍ୱାଗତର ସ୍ରୋତ ଛୁଟିବାର ଲାଗି ଅଛ।

# ଦାଦନ ଶ୍ରମିକ ଗଣେଶଙ୍କ କିଡ଼ନୀ ଚିନ୍ତା : ଅର୍ଥ ସାଜିଛି ବାଧକ

କୃଷ୍ଣପ୍ରସାଦ,୧୪।୨ (ନିପ୍ର); ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଗିଳିନାସି ଗ୍ରାମର ଗଣେଶ ଚନ୍ଦ୍ର ପ୍ରଧାନ (୪୦ ବର୍ଷ ) ଯାହାଙ୍କର ଦୁଇଟି କିଡ଼ନୀ ପ୍ରାୟତଃ ନଷ୍ଟ ହୋଇଛି। ପ୍ରତିଦିନ ଗଣ୍ଡେ ଖାଇବା ଯାହାକୁ ମିଳେ ନି ସେ ବା କିଭଳି ଏତେବଡ ରୋଗରୁ ମୁକ୍ତି ପାଇବେ। ଡାକ୍ତର କୁହନ୍ତି ଡ଼ାଇଲେସିଶ ହେବା ସହ କିଡ଼ନୀ ନୂଆ ଲାଗିବ। ଚିକିତ୍ସା ପାଇଁ ବାଧକ ସାଜିଛି ଅର୍ଥ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ପରିବାର ଭରଣ ପୋଷଣ ପାଇଁ ବାଙ୍ଗାଲୋରରେ ଶ୍ରମିକ ଭାବେ ଦୀର୍ଘ ଆଠ ବର୍ଷ ହେବ କାର୍ଯ୍ୟ କରୁଥିଲେ। ଦେହ ଅସୁସ୍ଥ ପରେ ସେ ଏବେ ଘରକୁ ଫେରି ମୁଣ୍ଡରେ ହାତ ଦେଇ ବସିଛନ୍ତି। କାକୁତି ମିନତୀ ହୋଇ ହାତ ପାତି ଗୁହାରି କରୁଛନ୍ତି ଲୋକମାନଙ୍କୁ ସରକାରଙ୍କୁ ତାଙ୍କୁ ହାତ ବଢ଼ାଇ ସାହାଯ୍ୟ କରନ୍ତୁ। ତାଙ୍କ ପରିବାରରେ ହସ ଫୁଟାନ୍ତୁ। ତାଙ୍କ ସ୍ତ୍ରୀ ଭାରତୀ ପ୍ରଧାନ ସରକାରଙ୍କୁ ନିବେଦନ କରିଛନ୍ତି ତାଙ୍କ ସ୍ୱାମୀଙ୍କୁ ସରକାରୀ ଅର୍ଥ ରେ ଚିକିତ୍ସା କରନ୍ତୁ। ଚଳିବା ଏବଂ ଚିକିତ୍ସା ପାଇଁ ନିଜ ଗ୍ରାମର ଯୁବକ ଗୋଷ୍ଠୀ ଅଣ୍ଟା ଭିଡ଼ିଛନ୍ତି। ଏକ ହୁଣ୍ଡୀ ଧରି ବୁଲି ବୁଲି ଅର୍ଥ ସଂଗ୍ରହ କରୁଛନ୍ତି। ସେ ନିବେଦନ କରିଛନ୍ତି ଫୋନ ପେ ନମ୍ବର ୭୩୨୭୮୬୨୪୭୩ ରେ ଅର୍ଥ ସାହାଯ୍ୟ କରି ଗଣେଶଙ୍କ ଜୀବନ ବଞ୍ଚାନ୍ତୁ।



# ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଧାମନଗର,୧୪।୨ (ନିପ୍ର); ଧାମନଗର ବ୍ଲକ ପଧାନୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏକ ଦିବସୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଖରିଫ ଚାଷ ସମେତ ବିଭିନ୍ନ ପନିପରିବା ଚାଷ ପ୍ରଣାଳୀ, ଉତ୍ପାଦନ ବୃଦ୍ଧି ଓ ଆଧୁନିକ ପଦ୍ଧତି ବିଷୟରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାସହ ସରକାରୀ ସୁବିଧା ଓ ଯୋଜନା ଗୁଡ଼ିକୁ କିପରି ଉପଭୋଗ କରିବେ, ସେନେଇ କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗ ମିଳିତରେ ସୂଚନା ଯୋଗାଇ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଧାମନଗର ବ୍ଲକ ପ୍ରତିନିଧି ତଥା ସ୍ଥାନୀୟ ସରପଞ୍ଚ ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ ଓ ଜିଲ୍ଲାପରିଷଦ ଉପାଧକ୍ଷ ଟୁନି ବାଳା ବିଶ୍ୱାଳ ଯୋଗ ଦେଇଥିବା ବେଳେ ଧାମନଗର ବ୍ଲକ ଗୋଷ୍ଠୀ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା ସରକାରଙ୍କ ବିଭିନ୍ନ କୃଷି ଯୋଜନା ବିଷୟରେ ଚାଷୀମାନଙ୍କୁ ସୂଚନା ଦେଇଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ମହେନ୍ଦ୍ର ଭୂୟାଁ ଉଦ୍ୟାନ କୃଷି ସ୍କିମ୍ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦିଲ୍ଲିପ ସାହୁ, ମନୋଜ ନନ୍ଦୀ ଓ ଅଭିନାଶ ଜେନା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାଷୀ ଯୋଗଦାନ କରିଥିଲେ।

# ନବଗଠିତ ବାମରା ଏନଏସି ନିର୍ବାଚନ ପାଇଁ ବିଜ୍ଞପ୍ତି

କୁଚିଣ୍ଡା,୧୪।୨ (ନିପ୍ର); ସମ୍ବଲପୁର ଜିଲ୍ଲା ବାମରା (ଗୋବିନ୍ଦପୁର) କୁ ରାଜ୍ୟ ସରକାର ଏନଏସି ଘୋଷଣା ପରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥି ନିମନ୍ତେ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଗୁରୁବାର ୧୨ ଗୋଟି ୱାର୍ଡ ବିଶିଷ୍ଟ ବାମରା ଏନଏସିର ରୂପରେଖ ପ୍ରଦାନ କରାଯାଇଛି। ଏଥିରେ ସମସ୍ତ ବର୍ଗ, ଶ୍ରେଣୀ, ଲିଙ୍ଗ ଆଦିକୁ ଦୃଷ୍ଟିରେ ରଖି ସଂରକ୍ଷିତ ବ୍ୟବସ୍ଥା କରାଯାଇଛି। ଯେଉଁଥିରେ ମହିଳାଙ୍କ ପାଇଁ ୧,୩ ଓ ୧୧ ନମ୍ବର ୱାର୍ଡ,ସାଧାରଣ ବର୍ଗଙ୍କ ପାଇଁ ୨,୪,୬ ଓ ୭ ନମ୍ବର ୱାର୍ଡ,ଆଦିବାସୀ ମହିଳାଙ୍କ ପାଇଁ ୧୦ ଓ ୧୨ ନମ୍ବର ୱାର୍ଡ,ଆଦିବାସୀଙ୍କ ପାଇଁ ୮ ଓ ୯ ନମ୍ବର ୱାର୍ଡ ସଂରକ୍ଷିତ ରହିଥିବା ବେଳେ,ହରିଜନ ମହିଳାଙ୍କ ପାଇଁ କେବଳ ୫ ନମ୍ବର ୱାର୍ଡ ସଂରକ୍ଷିତ ରହିଛି। ପ୍ରକାଶିତ ବିଜ୍ଞପ୍ତିରେ ୱାର୍ଡ ଗଠନ କିମ୍ବା ୱାର୍ଡ ଗୁଡିକରେ ରହିଥିବା ସଂରକ୍ଷଣ ବ୍ୟବସ୍ଥା ସଂପର୍କିତ କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ଆସନ୍ତା ୨୧ ସୁଦ୍ଧା ବାମରା ବ୍ଲକ କିମ୍ବା ବାମରା ତହସିଲ କାର୍ଯ୍ୟାଳୟରେ ଥିବା ଅଭିଯୋଗ ବାକ୍ସରେ ଅଭିଯୋଗ ଦାଖଲ କରିବାକୁ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଋଣ ମେଳା

## ସମୁଦାୟ ୬୦ଟି ଋଣକୁ ୩ କୋଟି ୭୦ ଲକ୍ଷ ଟଙ୍କା ପ୍ରଦାନ

ନିରାକାରପୁର,୧୪।୨ (ନିପ୍ର); ସ୍ୱୟଂ ସହାୟକ ଗୋଷ୍ଠୀ , କିଷାନ କ୍ରେଡିଟ ଲୋନ , ବିଭିନ୍ନ ସରକାରୀ ସ୍କିମ୍ ଋଣ , ପେନସନ ଓ ବ୍ୟକ୍ତିଗତ ଋଣ ପ୍ରଦାନ ମେଳା ଆଜି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଛଣଗିରି ମେଲଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଷ୍ଟେଟ ବ୍ୟାଙ୍କ କ୍ରେଡିଟ ଓ ଏନପିଏ ମୁଖ୍ୟ ପ୍ରବନ୍ଧକ ରାଜ କିଶୋର ସେଠୀ , ଛଣଗିରି ଷ୍ଟେଟ ବ୍ୟାଙ୍କ ପରିଚାଳକ ସାର୍ଥକ ସାମନ୍ତରାୟ ଓ ବିପିସି ରଶ୍ମିତା ଇନ୍ଦ୍ରଜିତ ପ୍ରମୁଖ ଯୋଗଦେଇ ଋଣ ଗ୍ରହୀତା ନିଜେ ନିଜ ଗୋଡ଼ରେ ଛିଡ଼ା ହୋଇ ସମାଜରେ ନିଜର ସ୍ଥିତିକୁ ମଜଭୁତ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ଏହି ଋଣ ଅର୍ଥ କୁ ସଠିକ୍ ବିନିଯୋଗ କରିବାକୁ ପରାମର୍ଶ ଦେବା ସହିତ ଋଣ ଅର୍ଥର ବିନିଯୋଗ ଓ ଆଦାୟ ସମ୍ପର୍କରେ ଉପସ୍ଥିତ ଋଣଗ୍ରହୀତାମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଏସବିଆଇ ଶାଖା ଅଧିନସ୍ଥ ଟାଙ୍ଗୀ ବ୍ଲକର ୨୦ ଟି ଓ ବେଗୁନିଆ ବ୍ଲକର ୨୦ ଟି ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ସମୁଦାୟ ୬୦ ଟି ବିଭିନ୍ନ ଋଣ ବାବଦକୁ ୩ କୋଟି ୭୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି।

# ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ ଦକ୍ଷତା ତାଲିମ କେନ୍ଦ୍ରର ନିଯୁକ୍ତି ସଫଳତା

- ୭ ଜଣ ଦିବ୍ୟାଙ୍ଗଙ୍କୁ ଆତିଥେୟତା ଓ ସେବା କ୍ଷେତ୍ର ଉଦ୍ୟୋଗରେ ନିଯୁକ୍ତି
- କାର୍ଯ୍ୟକ୍ରମ ଅଧୀନରେ ୯୪୧ ଜଣ ଗ୍ରାମୀଣ ଯୁବକ ତାଲିମପ୍ରାପ୍ତ ଏବଂ ୮୦% ନିଯୁକ୍ତି ପାଇଛନ୍ତି



ଲାଞ୍ଜିଗଡ଼,୧୪।୨ (ନିପ୍ର): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶାର କଳାହାଣ୍ଡିରେ ପରିଚାଳିତ ଦକ୍ଷତା ତାଲିମ କେନ୍ଦ୍ରର ଖାଦ୍ୟ ଓ ପାନୀୟର ୨୭ତମ ବ୍ୟାଚ୍ ୧୦୦% ନିଯୁକ୍ତି ସହ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସମାବେଶୀ ବିକାଶ ପ୍ରତି କମ୍ପାନିର ପ୍ରତିବଦ୍ଧତାକୁ ପ୍ରମାଣିତ କରିଥିବା ଏହି ବ୍ୟାଚ୍‌ରେ ୭ ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଥିଲେ। ସେହି ସମସ୍ତ ପ୍ରାର୍ଥୀଙ୍କୁ ସେବା ଓ ଆତିଥେୟତା ଉଦ୍ୟୋଗର କିଛି ଅଗ୍ରଣୀ କମ୍ପାନିରେ ନିଯୁକ୍ତି ସୁଯୋଗ ମିଳିଛି । ଏହି ପ୍ରାର୍ଥୀମାନେ ଇଣ୍ଡିଗୋ, କ୍ଲବ ମହିନ୍ଦ୍ରା, ବେଲଜିଆନ ୱାଫଲ, ମିନର୍ଭା ଗ୍ରାଣ୍ଡ, ଏଭିଏନ ଗ୍ରୁପ, ନେଚର ଭାଲି ଓ ଗଲ୍‌ଫ କ୍ଲବ୍ ଭଳି ସୁନାମଧନ୍ୟ କମ୍ପାନିମାନଙ୍କରେ ଯୋଗ ଦେଇଛନ୍ତି। ଏହା କଳାହାଣ୍ଡି ଭଳି ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ଅନ୍ତର୍ଭୁକ୍ତିମୂଳକ, ଦକ୍ଷତା-ଭିତ୍ତିକ ନିଯୁକ୍ତି ପ୍ରତି ଶିଳ୍ପ ଅଂଶୀଦାରମାନଙ୍କ ବଢ଼ୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି । ସ୍ଥାୟୀ ଜୀବିକା ସୃଷ୍ଟି, ତୃଣମୂଳ ଅର୍ଥନୈତିକ ବିକାଶକୁ ସୁଦୃଢ଼ କରିବା ଓ ବିକଶିତ ଭାରତର ଜାତୀୟ ଏଜେଣ୍ଡାକୁ ସମର୍ଥନ କରିବା ପାଇଁ କମ୍ପାନିର ରହିଥିବା ଦୀର୍ଘକାଳୀନ ଲକ୍ଷ୍ୟର ଅଂଶ ସ୍ୱରୂପ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଓ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗିତାରେ ଭବାନୀପାଟଣା ଓ ଲାଞ୍ଜିଗଡ଼ରେ ଆୟୋଜନ କରାଯାଉଛି। ଏହି ପ୍ରୟାସଟି ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ , ବିଶେଷକରି ଏସଡିଜି ୧ - ଦାରିଦ୍ର୍ୟ ମୁକ୍ତ ଏବଂ ଏସଡିଜ ୮ - ଉପଯୁକ୍ତ କାର୍ଯ୍ୟ ଏବଂ ଆର୍ଥିକ ଅଭିବୃଦ୍ଧି ସହିତ ରଣନୀତିକ ଭାବରେ ସଂଲଗ୍ନ।

ଏହି କାର୍ଯ୍ୟକ୍ରମରେ ନାମଲେଖାଇଥିବା ଅଧିକାଂଶ ଦିବ୍ୟାଙ୍ଗ ପ୍ରାର୍ଥୀମାନେ ଦୁର୍ଗମ ଗ୍ରାମାଂଚଳରୁ ଆସିଛନ୍ତି ଯେଉଁମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିର ପଥ ଅତ୍ୟନ୍ତ ସୀମିତ । ଢାଞ୍ଚାଗତ ବୈଷୟିକ ତାଲିମ, କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତି ପାଠ୍ୟକ୍ରମ ଓ ନିଯୁକ୍ତିଦାତା ସଚେତନତା ଅଧିବେଶନ ଜରିଆରେ ବେଦାନ୍ତ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ର ସେମାନଙ୍କୁ ବିଶ୍ୱାସ ଓ ସମ୍ମାନର ସହ ମୁଖ୍ୟଧାରା ଶ୍ରମଶକ୍ତିରେ ଯୋଡ଼ିହେବାକୁ ସକ୍ଷମ କରୁଛି । ଏହି ଅଭିଯାନ ସମ୍ପର୍କରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, “ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ତାଲିମ କେନ୍ଦ୍ରରୁ ମୁଖ୍ୟଧାରା କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ରୂପାନ୍ତରିତ ହେବାରେ ସକ୍ଷମ କରି ଆମେ ଦର୍ଶାଇଛୁ ଯେ ସମାବେଶୀ ନିଯୁକ୍ତି ପ୍ରଦାନ କେବଳ ଏକ ସାମାଜିକ ଅଭିଯାନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର ଆବଶ୍ୟକତା ।

ଏହି ମାଇଲଖୁଣ୍ଟ ଆମର ସେହି ବିଶ୍ୱାସକୁ ଦୃଢ଼ କରୁଛି ଯେ ଯେତେବେଳେ ଶିଳ୍ପ ଆବଶ୍ୟକତା ସହ ଦକ୍ଷତା ବିକାଶକୁ ସମନ୍ୱିତ କରାଯିବ ଏବଂ ସଠିକ୍ ବ୍ୟବସ୍ଥା ସହ ତାହାକୁ ସମର୍ଥନ କରାଯିବ ସେତେବେଳେ ତାହା ଉଭୟ ସାମାଜିକ ଓ ଅର୍ଥନୈତିକ ମୂଲ୍ୟ ପ୍ରଦାନ କରିବ ।” ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିନରେ ୩ ବର୍ଷରେ ୧୩୦୦ରୁ ଅଧିକ ଗ୍ରାମୀଣ ଯୁବକଯୁବତୀଙ୍କୁ ତାଲିମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନ ଅଧୀନରେ ୯୪୧ରୁ ଅଧିକ ଯୁବକଯୁବତୀଙ୍କୁ ତାଲିମ ଦିଆଯାଇସାରିଲାଣି ଯାହା ଏହି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ସ୍ୱତନ୍ତ୍ର ଦକ୍ଷତାର ଯୁବକଯୁବତୀମାନଙ୍କୁ ସ୍ଥାୟୀ ଓ ସମ୍ମାନଜନକ ଜୀବିକା ହାସଲ କରିବାରେ ସକ୍ଷମ କରି ଏହି ଅଭିଯାନ କେବଳ ପରିବାରର ଆୟରେ ଉନ୍ନତି ଆଣିନାହିଁ, ବରଂ ସେମାନଙ୍କ ସାମାଜିକ-ଅର୍ଥନୈତିକ ସମନ୍ୱୟକୁ ସୁଦୃଢ଼ କରିଛି ଯାହା ଗ୍ରାମୀଣ ଓଡ଼ିଶାରେ ଅନ୍ତର୍ଭୁକ୍ତୀକରଣ ପ୍ରଗତିରେ ପରିବର୍ତ୍ତନର ବାର୍ତ୍ତାବହ ଭାବେ ବେଦାନ୍ତ ଆଲୁମିନିୟମର ଭୂମିକାକୁ ଦୋହରାଉଛି । ବିଗତ କିଛି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ସ୍ଥାୟୀ ଜୀବିକା, ମହିଳା ସଶକ୍ତୀକରଣ ଓ ଗୋଷ୍ଠୀ ଭିତିଭୂମି ଆଦି କ୍ଷେତ୍ରରେ ସ୍ୱତନ୍ତ୍ର ହସ୍ତକ୍ଷେପ ଜରିଆରେ ଲାଞ୍ଜିଗଡ଼ ପାରିପାର୍ଶ୍ୱିକ ଅଂଚଳରେ ବେଦାନ୍ତ ଆଲୁମିନିୟମ ସାମଗ୍ରିକ ଗୋଷ୍ଠୀ ବିକାଶ ଆଣିପାରିଛି ।

# କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ସଭାପତି ହେଲେ ଅବିନାଶ

ଭବାନୀପାଟଣା,୧୪।୨ (ନିପ୍ର); ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ସଭାପତି ଭାବରେ ପଶ୍ଚିମ ଓଡ଼ିଶାର ଜଣେ ଚର୍ଚ୍ଚିତ ଛାତ୍ର ନେତା ତଥା ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ଅବିନାଶ ଠାକୁରଙ୍କୁ ନିଯୁକ୍ତି ଦିଆଯାଇଛି। ଜଣେ ସୁବକ୍ତା ଭାବରେ ପରିଚିତ ଅବିନାଶ କଲେଜ ସମୟରୁ ନେତୃତ୍ୱ ନେଇ ଆସୁଛନ୍ତି। ୨୦୦୮-୯ ମସିହାରେ ସେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ପରେ ବିଜେଡିରେ ସାମିଲ ହୋଇ ବିଜୁ ଛାତ୍ର ଜନତା ଦଳର ଲଗାତାର ୩ଥର ଜିଲ୍ଲା ସଭାପତି ହେବାପରେ ରାଜ୍ୟ ସାଧାରଣ ସମ୍ପାଦକ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କୁ ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ପଦବୀ ଦିଆଯାଇଥିଲା। ସେ ପଶ୍ଚିମ ଓଡ଼ିଶାର ଛାତ୍ର ନେତୃତ୍ୱ ନେବା ସହ ଦଳର ବିଭିନ୍ନ ପଦ ପଦବୀରେ ରହିଆସୁଥିଲେ ।

# ଶିବରାତ୍ରି ପାଇଁ ଫଳ ଦୋକାନରେ ଗ୍ରାହକଙ୍କ ଭିଡ, ଦାମ୍ ଆକାଶଛୁଆଁ

ରାଉରକେଲା,୧୪।୨(ନିପ୍ର): ରାତି ପାହିଲେ ମହାଶିବରାତ୍ରି। ରାଉରକେଲା ସମେତ ଇସ୍ପାତ ନଗରୀରେ ମହାଶିବରାତ୍ରି ପାଇଁ ପୂଜା ସାମଗ୍ରୀ, ଫଳ ଏବଂ ମିଠା ବିକ୍ରି କରୁଥିବା ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ବିଶେଷକରି ଡେଲି ମାର୍କେଟ, ଟ୍ରାଫିକ୍ ମାର୍କେଟ, ବାସନ୍ତୀ ମାର୍କେଟ, ଛେଣ୍ଡ ମାର୍କେଟ, ପାନପୋଷ ମାର୍କେଟ, ତରକେରା, ଦେଓଗାଁ ମାର୍କେଟ, ବେଦବ୍ୟାସ ମାର୍କେଟ, ଆମ୍ବ ବାଗାନ ମାର୍କେଟ, ଇସ୍ପାତ ମାର୍କେଟ, ସେକ୍ଟର-୧୮ ମାର୍କେଟ ଏବଂ ସହରର ଅନ୍ୟାନ୍ୟ ବଜାରରେ ଗ୍ରାହକମାନେ ମହାଶିବରାତ୍ରି ପାଇଁ ପୂଜା ସାମଗ୍ରୀ ଓ ଫଳ କିଣାକିଣି କରୁଛନ୍ତି। ବଡ଼ ମାଟି ଦୀପ ଏବଂ ଫୁଲ ସମେତ ଅନ୍ୟାନ୍ୟ ପୂଜା ସାମଗ୍ରୀ କିଣାଯାଉଛି। ଶିବରାତ୍ରି ପାଇଁ ଫଳର ମୂଲ୍ୟ ବୃଦ୍ଧି ପାଇଛି। କଦଳୀ ୫୦ ଟଙ୍କାରୁ ୧୨୦ ଟଙ୍କା ପର୍ଯ୍ୟନ୍ତ, କମଳା କିଲୋ ୫୦ ଟଙ୍କା, ଅଙ୍ଗୁର କିଲୋ ୧୦୦ ଟଙ୍କା ସମେତ ଅନ୍ୟାନ୍ୟ ଫଳ କିଣାଯାଉଥିବା ଦେଖାଯାଇଥିଲା। ମହାଶିବରାତ୍ରି ପାଇଁ ପୂଜା ନଡ଼ିଆ ଏବଂ ମିଠା ମଧ କିଣାଯାଉଛି। ଆଜି ସହରର ବୁଲା ବିକାଳୀଙ୍କ ସମେତ ପୂଜା ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସହରରେ ରବିବାର ଦିନ ବିଭିନ୍ନ ଶିବ ମନ୍ଦିରଗୁଡ଼ିକୁ ଶିବରାତ୍ରି ପାଇଁ ସଜାଯାଇଛି। ବିଶେଷକରି ବେଦବ୍ୟାସ ଟ୍ରଷ୍ଟ ପକ୍ଷରୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି କରାଯାଇଛି। ତ୍ରିବେଣୀ ସଂଗମ ବେଦବ୍ୟାସ ପୀଠରେ ଏକ ବିଶାଳ ମେଳା ସମେତ ମୀନା ବଜାର ପାଇଁ ପ୍ରସ୍ତୁତି ଶେଷ ହୋଇଛି। ସେହିପରି ଭକ୍ତମାନେ ଶିବ ମନ୍ଦିରକୁ ଦର୍ଶନ କରିବା ପାଇଁ ବାଉଁଶ ବ୍ୟାରିକେଡ୍ କରାଯାଇଛି। ଦେଓଗାଁର ତରକେରା ଧବଳେଶ୍ୱର ଶିବ ମନ୍ଦିରରେ ଶିବରାତ୍ରି ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଶିବରାତ୍ରି ପାଇଁ ପୂଜା ସହିତ, ଧବଳେଶ୍ୱର ଶିବ ମନ୍ଦିର କମିଟି ଦ୍ୱାରା ରୁଦ୍ରାଭିଷେକ ଏବଂ ଭଜନ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଛି। ସେହିପରି ରାଉରକେଲା ସହରର ସଙ୍କଟ ମୋଚନ ମନ୍ଦିର, ହନୁମାନ ଭାଟିକାସ୍ଥିତ ଶିବ ମନ୍ଦିର, ଉଦିତ ନଗର ପଞ୍ଚଦେବ ସାଂସ୍କୃତିକ ଟ୍ରଷ୍ଟ ସ୍ଥିତ ଶିବ ମନ୍ଦିର, ଶିବାଜୀ ମାର୍ଗରେ ଅବସ୍ଥିତ ତ୍ରିଦେବ ଶିବ ମନ୍ଦିର, ବିର୍ସା ଡାହାର ରୋଡସ୍ଥିତ ଶ୍ୟାମ ମନ୍ଦିର, ମନୋକାମନା ସିଦ୍ଧି ହନୁମାନ ମନ୍ଦିରସ୍ଥିତ ଶିବ ମନ୍ଦିର, ତ୍ରିଶକ୍ତି ମନ୍ଦିର ସମେତ ସହରର ଅନ୍ୟାନ୍ୟ ଶିବ ମନ୍ଦିରରେ ମହାଶିବରାତ୍ରି ପାଇଁ ପ୍ରସ୍ତୁତି ଶେଷ ହୋଇଛି।



# ମାଟ୍ରିକ୍ ପରୀକ୍ଷା ଓ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ: ଅନିଶ୍ଚିତତାରେ ଛାତ୍ରଛାତ୍ରୀଙ୍କ ଭାଗ୍ୟ

ଗୋଲାମୁଣ୍ଡା,୧୪।୨ (ନିପ୍ର); ଆସନ୍ତା ଫେବୃଆରୀ ୧୯ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଫେବୃଆରୀ ୧୭ ତାରିଖରେ ଗୋଲାମୁଣ୍ଡା ବ୍ଲକ ଲେତେର ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି। ପରୀକ୍ଷା ପାଇଁ ପ୍ରସ୍ତୁତି ଏବଂ ରୌପ୍ୟ ଜୟନ୍ତୀର ଆୟୋଜନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଚିନ୍ତାର ବିଷୟ ପାଲଟିଛି। ମାଟ୍ରିକ୍ ପରୀକ୍ଷା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ରାଜ୍ୟର ୩୦୮୨ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫ ଲକ୍ଷ ୬୦ ହଜାର ୫୧୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଏବଂ ଓଏମଆର ସିଟ୍ ଗୁଡ଼ିକ କଡ଼ା ସୁରକ୍ଷା ବଳୟରେ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିସାରିଛି। ଫେବୃଆରୀ ୧୭ ତାରିଖ ସୁଦ୍ଧା ସମସ୍ତ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୩୨୨ଟି ନୋଡାଲ ସେଣ୍ଟର ପ୍ରସ୍ତୁତ କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି ଏବଂ ପରୀକ୍ଷା ପରିଚାଳନା ପାଇଁ ବୋର୍ଡ ପକ୍ଷରୁ ଏକ କମାଣ୍ଡ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା ମଧ କରାଯାଇଛି। ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ଏକ ଐତିହାସିକ ମୁହୂର୍ତ୍ତ ହୋଇଥିବାବେଳେ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଏହାର ଆୟୋଜନ ଛାତ୍ରଛାତ୍ରୀଙ୍କ ଉପରେ ମାନସିକ ଚାପ ପକାଇପାରେ। ପିଲାମାନେ ପରୀକ୍ଷା ପାଇଁ ପ୍ରସ୍ତୁତି ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ ଥିବାବେଳେ ଜୟନ୍ତୀର କାର୍ଯ୍ୟକ୍ରମ ସେମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି କରିପାରେ ବୋଲି ଅନେକ ଅଭିଭାବକ ଏବଂ ଛାତ୍ରଛାତ୍ରୀ ମତ ପ୍ରକାଶ କରିଛନ୍ତି। ଏଭଳି ପରିସ୍ଥିତିରେ, ଉଭୟ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଏକ ସନ୍ତୁଳିତ ପଦ୍ଧତି ଆପଣେଇବା ଅତ୍ୟନ୍ତ ଜରୁରୀ।




# ପିଏମଶ୍ରୀ ହାଇସ୍କୁଲ ବାର୍ଷିକ ଉତ୍ସବ

କୁଚିଣ୍ଡା,୧୪।୨ (ନିପ୍ର):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପ୍ରଥମ ପିଏମଶ୍ରୀ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଣଜିତ ବରିହାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ ମୁଖ୍ୟଅତିଥି, ସମ୍ବଲପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ମୁଖ୍ୟବକ୍ତା, କୁଚିଣ୍ଡା କେନ୍ଦ୍ରିୟ ବିଦ୍ୟାଳୟ ଅଧକ୍ଷ ଜୟନ୍ତ କୁଆ, ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ହାସଲ କରି ଲକ୍ଷ୍ୟ ପଥରେ ଆଗେଇବା ପାଇଁ ପରାମର୍ଶ ଦ୍ୱୋସହ ବଣ ମଲି ନହୋଇ ବଗିଚାର ମଲ୍ଲି ହେବାକୁ ଛାତ୍ରଙ୍କୁ କହିଥିଲେ। ଶିକ୍ଷକ ସୁଶୀଳ ମହାକୁଳ ସଭା ପରିଚାଳନା କରିଥିଲେ।

# ଲୋକମୁକ୍ତି ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୁଚିଣ୍ଡା,୧୪।୨ (ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ଲୋକମୁକ୍ତି ସଂଗଠନ ପକ୍ଷରୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିବାକୁ ଯାଉଥିବା ରୋଜଗାର ବିହୀନ ଭିବି-ଜି ରାମଜି ଏବଂ ଶ୍ରମିକ ବିରୋଧୀ ୪ ଗୋଟି ନୂତନ ଶ୍ରମ ସଂହିତାକୁ ପ୍ରତ୍ୟାହାର ପୂର୍ବକ ଏମଜିଏନଆରଇଜିଏସକୁ ଲାଗୁ କରିବା ଦାବି ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାମରା ବିଡ଼ିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବାମରା ପୂର୍ତ୍ତବିଭାଗ ଡାକବଙ୍ଗଳାରୁ ଶ୍ରମିକ ମାନଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ଲୋକମୁକ୍ତି ସଂଗଠନର ବାମରା ବ୍ଲକ ସଭାପତି ପାତ୍ର ବାଘଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରତିବାଦ ସଭାରେ ଲୋକମୁକ୍ତି ସଂଗଠନର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଗ୍ରେଗୋରୀ ସାମାଦ ସଭା ପରିଚାଳନା କରିଥିଲେ।ସଂଗଠନର ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତିବାଦ ସଭାରେ ଲୋକମୁକ୍ତି ସଂଗଠନର ଉପଦେଷ୍ଟା ଅନନ୍ତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକାରୀ ହେବାକୁ ଯାଉଥିବା ନୂତନ ଭିବି-ଜି ରାମ ଜି ଏବଂ ଶ୍ରମିକ ବିରୋଧୀ ୪ ଗୋଟି ନୂତନ ଶ୍ରମ ସଂହିତା ବିରୋଧରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ଜିନିତ ସାମାଦ,ସଂଯୋଜକ ରବିନ୍ଦ୍ର ନାଏକ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା,ସଗରା ସମିତି ସଭ୍ୟ ହାବିଲ ଏକ୍କା, ଆସିୟାନି ସୁରିନ,ସିମନ ସାମାଦ, ସୁଲେମାନ ଟେଟେ ପ୍ରମୁଖ ଯୋଗଦେଇ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ବକ୍ତବ୍ୟ ଦେଇଥିଲେ । ପରେ ସଂଗଠନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ୧୪ ଦଫା ଦାବି ପତ୍ର ବାମରା ବିଡ଼ିଓ ପୁଷ୍ପକ ପ୍ରଧାନଙ୍କୁ ଦେଇଥିଲେ।ପ୍ରଦତ୍ତ ଦାବିପତ୍ରରେ ଭିବି-ଜି ରାମ ଜି ଆଇନକୁ ପ୍ରତ୍ୟାହାର କରି ଏମଜିଏନଆରଇଜିଏସକୁ ଲାଗୁ କରିବା, ଶ୍ରମିକ ବିରୋଧୀ ୪ ଗୋଟି ନୂତନ ଶ୍ରମ ସଂହିତାକୁ ବାତିଲ କରିବା, ଏମଜିଏନଆରଇଜିଏସରେ ୧୦୦ ଦିନ ପରିବର୍ତ୍ତେ ୨୦୦ ଦିନର କାମ ଯୋଗାଇ ଦେବା, ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଦୈନିକ ମଜୁରୀ ୮୫୦ ଟଙ୍କାକୁ ବୃଦ୍ଧି କରିବା, ଶ୍ରମିକ ଓ କୃଷକଙ୍କ ବୟସ ୬୦ ହେଲେ ମାସିକ ଦଶ ହଜାର ଟଙ୍କା ଭତ୍ତା ପ୍ରଦାନ କରିବା, ଗରିବ ପରିବାରଙ୍କୁ ପକ୍କା ଘର ବାବଦକୁ ୫ ଲକ୍ଷ ଟଙ୍କା ଦେବା, ଭୂମିହୀନଙ୍କୁ ୪ ଡିସିମିଲ ଜମି ପରିବର୍ତ୍ତେ ୧୦ ଡିସିମିଲ ଜମି ଯୋଗାଇ ଦେବା, ପ୍ରତ୍ୟେକ ଗରିବ ଭୂମିହୀନଙ୍କୁ ଘରଡିହ ଜମିସହ ଚାଷ ଜମି ଯୋଗାଇ ଦେବା, ସରକାରଙ୍କ ଜମି ବ୍ୟାଙ୍କ୍ ନୀତିକୁ ପ୍ରତ୍ୟାହାର କରିବା, ଶ୍ରମିକଙ୍କୁ ନୂତନ ଜବକାର୍ଡ ଯୋଗାଇ ଦେବା, ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଆଧାରରେ ଏମଜିଏନଆରଇଜିଏସ ମଜୁରୀକୁ ବୃଦ୍ଧି କରିବାସହ ୧୪ ଗୋଟି ଦାବି ଉଲ୍ଲେଖ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ଅମ୍ଳାନ ଟପ୍ପୋ,ବିରଞ୍ଚି ନିଖଣ୍ଡିଆ, ମାଙ୍ଗ୍ରା ସାଙ୍ଗା, ପରମେ କିଷାନ,ସିମା ବାର୍ଲା, କିଶୋରୀ ସୋଏ, ରେଶମା କୁଲୁ, ଫୁଲଦେଓ ସାମାଦ, ଜନସନ ପୂର୍ତ୍ତି, ପାତ୍ରାସ ସାମାଦ, ଅର୍ଜୁନ କିଷାନ,ମିନକୁ ଲାକ୍ରା ପ୍ରମୁଖ ସହଯୋଗ କରିଥିଲେ।



# ଉତ୍ତର-ପୂର୍ବ ଭାରତକୁ କଂଗ୍ରେସ ଅଣଦେଖା କରିଆସିଛି: ମୋଦି



ଗୁଆହାଟୀ,୧୪।୨: ଆସାମ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିମାନବନ୍ଦରରେ ଭବ୍ୟ ସ୍ୱାଗତ ପରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ଅବସରରେ ସେ ବିରୋଧୀ ଦଳଙ୍କୁ ଟାର୍ଗେଟ୍ କରିବାକୁ ଭୁଲିନାହାନ୍ତି ମୋଦି। ଗୁଆହାଟୀରେ ଆୟୋଜିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଉତ୍ତର-ପୂର୍ବ ଆମର ଅଷ୍ଟଲକ୍ଷ୍ମୀ। ଏହି ବର୍ଷର ବଜେଟ୍ ଅଷ୍ଟଲକ୍ଷ୍ମୀ ପାଇଁ ବିଜେପି-ଏନଡିଏର ଦୃଷ୍ଟିକୋଣକୁ ଆହୁରି ମଜବୁତ କରିବ। ବଜେଟ୍ ପରେ ଏହା ଆସାମ ଏବଂ ଉତ୍ତର-ପୂର୍ବକୁ ମୋର ପ୍ରଥମ ଗସ୍ତ। ଆମେ ଉତ୍ତର-ପୂର୍ବକୁ ନିଷ୍ଠାର ସହିତ ସେବା ଯୋଗାଉଛୁ, ଯାହାକୁ କଂଗ୍ରେସ ଦଳ ସର୍ବଦା ଅଣଦେଖା କରିଆସିଛି। କଂଗ୍ରେସ କ୍ଷମତା ବାହାରେ ଥିବାରୁ ଆହୁରି ବିଷାକ୍ତ ହୋଇଯାଇଛି। ଆସାମକୁ ଏହା ସତର୍କ ରହିବାକୁ ପଡିବ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବଜେଟ୍ ଉତ୍ତର-ପୂର୍ବକୁ ଆର୍ଥିକ ଭାବରେ ଆତ୍ମନିର୍ଭରଶୀଳ କରିବା ଉପରେ ବିଶେଷ ଧ୍ୟାନ ଦେଉଛି। ଏଥର ଆସାମ ପ୍ରାୟ ୫୦ହଜାର କୋଟି ଟଙ୍କା ଟିକସ ରାଜସ୍ୱ ପାଇବ। ଆପଣମାନେ ଭଲ ଭାବରେ ମନେ ରଖିଥିବେ ଯେ କଂଗ୍ରେସ ଶାସନ ସମୟରେ ଆସାମ କିପରି ଭୋକରେ ପଡିଥିଲା। କଂଗ୍ରେସ ଶାସନ ସମୟରେ ଆସାମକୁ କେବଳ ୧୦ହଜାର କୋଟି ଟଙ୍କା ଟିକସ ମିଳିଥିଲା। ବର୍ତ୍ତମାନ, ବିଜେପି ସରକାର ଅଧୀନରେ ଆସାମ, କଂଗ୍ରେସ ସରକାରଙ୍କ ତୁଳନାରେ ପାଞ୍ଚ ଗୁଣ ଅଧିକ ଟଙ୍କା ପାଉଛି। ପୁଲୱାମା ଆକ୍ରମଣ କଥା ଉଠାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଦିନରେ ପୁଲୱାମା ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଭାରତ ମାତାର ସାହସୀ ପୁଅମାନଙ୍କୁ ମୁଁ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ଏହି ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆତଙ୍କବାଦୀମାନଙ୍କୁ କିପରି ଦଣ୍ଡ ଦେଇଥିଲା ତାହା ସମଗ୍ର ବିଶ୍ୱ ଦେଖିଛି। ଆପଣମାନେ ଅପରେସନ ସିନ୍ଦୂରରେ ମଧ୍ୟ ଭାରତର ଶକ୍ତି ଦେଖିଛନ୍ତି। ମୁଁ ଆପଣଙ୍କଠାରୁ ଜାଣିବାକୁ ଚାହୁଁଛି ଯେ କଂଗ୍ରେସ କେବେ ଜାତୀୟ ସ୍ୱାର୍ଥରେ ନିଷ୍ପତ୍ତି ନେବାର ସାହସ କରିଥିଲା କି? କଂଗ୍ରେସ ନେତାମାନେ ଖାଲି ବୟାନ ଦେବା ଜାଣିଛନ୍ତି। କଂଗ୍ରେସକୁ ନେଇ ଆହୁରି ଆକ୍ରମଣାତ୍ମକ ଢଙ୍ଗରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଯେଉଁ କଂଗ୍ରେସ ଭାରତକୁ ଏକ ରାଷ୍ଟ୍ର ଭାବରେ ଗ୍ରହଣ କରିବାକୁ ମଧ୍ୟ ମନା କରେ, ଯେଉଁ କଂଗ୍ରେସ ଭାରତ ମାତା କ''ଣ ବୋଲି ପ୍ରଶ୍ନ କରେ, ଯେଉଁ କଂଗ୍ରେସ ଭାରତ ମାତାର ନାମକୁ ମଧ୍ୟ ଏଡାଏ, ଯେଉଁ କଂଗ୍ରେସ ଭାରତ ମାତାଙ୍କ ପ୍ରତି ସାମାନ୍ୟତମ ସମ୍ମାନ ଦେଖାଏ ନାହିଁ, ସେହି କଂଗ୍ରେସ କେବେବି ଭାରତ ପାଇଁ କୌଣସି ଭଲ କରିପାରିବ ନାହିଁ। ଆଜିର କଂଗ୍ରେସ ଆତଙ୍କବାଦୀକୁ ସମର୍ଥନ କରେ। ଯେଉଁମାନେ ଦେଶକୁ ଖଣ୍ଡ ଖଣ୍ଡ କରିବାର ସ୍ୱପ୍ନ ଦେଖନ୍ତି, ଯେଉଁମାନେ ଉତ୍ତର-ପୂର୍ବକୁ ଭାରତରୁ ଅଲଗା କରିବା ପାଇଁ ସ୍ଲୋଗାନ ଦିଅନ୍ତି, ସେମାନେ କଂଗ୍ରେସ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଆପଣମାନଙ୍କୁ କଂଗ୍ରେସ ଦଳ ପ୍ରତି ସତର୍କ ରହିବାକୁ ପଡ଼ିବ।

## ବ୍ରହ୍ମପୁତ୍ର ଉପରେ ନିର୍ମିତ କୁମାର ଭାସ୍କର ବର୍ମା ସେତୁ ଉଦ୍‌ଘାଟିତ

ଗୌହାଟୀ,୧୪।୨: ଆସମ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମୋରାନରେ ଜାତୀୟ ରାଜପଥରେ ଜରୁରୀକାଳୀନ ଲ୍ୟାଣ୍ଡିଂ ସେବା (ଇଏଲଏଫ)ର ଉଦଘାଟନ କରିବା ପରେ ଗୌହାଟୀରେ ପହଞ୍ଚିଥିଲେ, ଯେଉଁଠାରେ ସେ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିଥିଲେ। ସେ ଗୌହାଟୀର ମାଛଖୋୱାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବ୍ରହ୍ମପୁତ୍ର ନଦୀ ଉପରେ ଗୌହାଟୀ-ଉତ୍ତର ଗୌହାଟୀକୁ ଯୋଡ଼ିବା ପାଇଁ ପ୍ରାୟ ୩,୦୩୦ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ଛଅ-ଲେନ ବିଶିଷ୍ଟ କେବଲ ବ୍ରିଜ "କୁମାର ଭାସ୍କର ବର୍ମା ସେତୁ", ଉତ୍ତର ପୂର୍ବ ପାଇଁ ନ୍ୟାଶନାଲ ଡାଟା ସେଣ୍ଟର, ଆଇଆଇଏମ ଗୌହାଟୀ ଏବଂ ପିଏମ-ଇ ବସ ସେବା ଅଧୀନରେ ୨୨୫ଟି ଇ-ବସକୁ ସାଧାରଣ ଲୋକଙ୍କ ପାଇଁ ସମର୍ପିତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଏହି ଉନ୍ନୟନମୂଳକ ପ୍ରକଳ୍ପମାନଙ୍କ ଆରମ୍ଭ ସହ ଅସମରେ ସଂଯୋଗ ଓ ବିକାଶର ଏକ ନୂଆ ଯୁଗର ଶୁଭାରମ୍ଭ ହୋଇଛି। କୁମାର ଭାସ୍କର ବର୍ମା ସେତୁର ଉଦଘାଟନ ପରେ ପ୍ରଧାନମନ୍ତ୍ରୀ ପୋଲ ଉପରେ ଦୀର୍ଘ ଦୂର ପର୍ଯ୍ୟନ୍ତ ପଦଯାତ୍ରା କରି ଏହାର ଅବଲୋକନ କରିଥିଲେ। ଏହି ଅବସରରେ ଆସମର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ଏବଂ ମୁଖ୍ୟମନ୍ତ୍ରୀ ଡ଼ା. ହିମନ୍ତ ବିଶ୍ୱ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ପୋଲର ଉଦଘାଟନ ଅବସରରେ ନଦୀ କୂଳରେ ବହୁ ସଂଖ୍ୟକ ସାଧାରଣ ନାଗରିକମାନେ ମଧ୍ୟ ଉପସ୍ଥିତ ଥିଲେ।

## ଆସନ୍ତା ୧୬ରୁ ଭାରତରେ ଏଆଇ ସମ୍ମିଳନୀ

ନୂଆଦିଲ୍ଲୀ,୧୪।୧: ଭାରତ ଏଆଇ-ଇମ୍ପାକ୍ଟ ସମ୍ମିଳନୀ ଆୟୋଜନ କରିବାକୁ ଯାଉଛି । ଆସନ୍ତା ୧୬ ରୁ ୨୦ ତାରିଖ ଏହି ସମ୍ମିଳନୀ ଚାଲିବେ । ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଦେଶ ଯୋଗ ଦେବେ । ୟୁରୋପ, ଆମେରିକା, ରୁଷିଆ ଠାରୁ ଆରମ୍ଭ କରି ବଡ଼ ବଡ଼ ଦେଶ ଅଂଶ ଗ୍ରହଣ କରିବେ । ତେବେ ଏଥିରେ ପଡ଼ୋଶୀ ପାକିସ୍ତାନକୁ ନିମନ୍ତ୍ରଣ କରାଯାଇନଥିବା ଜଣାପଡ଼ିଛି ।

## କୋଲକାତାରୁ ସିଲଂ ଯାଉଥିବା ଇଣ୍ଡିଗୋ ବିମାନରେ ବୋମା ଆତଙ୍କ

କୋଲକାତା,୧୪।୨: କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନବନ୍ଦରରୁ ମେଘାଳୟର ସିଲଂ ଅଭିମୁଖେ ଯିବାକୁ ଥିବା ଏକ ଇଣ୍ଡିଗୋ ଏୟାରଲାଇନ୍ସ ବିମାନରେ ବୋମା ଥିବା ଧମକପୂର୍ଣ୍ଣ ବାର୍ତ୍ତା ମିଳିଛି। ଶନିବାର ସକାଳେ ବିମାନ ଉଡ଼ାଣ ଆରମ୍ଭ ପୂର୍ବରୁ ଜଣେ କ୍ରୁ ସଦସ୍ୟ ଏହି ଧମକପୂର୍ଣ୍ଣ ବାର୍ତ୍ତା ଥିବା ଏକ କାଗଜ ବିମାନ ଶୌଚାଳୟରୁ ପାଇଥିଲେ। ଇଣ୍ଡିଗୋ ବିମାନ ୬ଇ୩୦୪୭ ୯ଟା ୧୫ରେ ସିଲଂ ଅଭିମୁଖେ ଉଡ଼ାଣ ଭରିବାର ଥିଲା। ଯାତ୍ରୀମାନେ ବିମାନରେ ବସିବା ସମୟରେ କ୍ରୁ ସଦସ୍ୟ ଧମକପୂର୍ଣ୍ଣ ବାର୍ତ୍ତା ଥିବା କାଗଜ ପାଇଥିଲେ। ତୁରନ୍ତ ବିମାନକୁ 'ଆଇସୋଲେସନ୍ ବେ'କୁ ନିଆଯାଇ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଇଥିଲା। ବିମାନରେ କଡ଼ା ଯାଞ୍ଚ କରାଯାଇଥିବା ବିମାନବନ୍ଦର ନିର୍ଦ୍ଦେଶକଙ୍କ ପକ୍ଷରୁ କୁହାଯାଇଛି। ଇଣ୍ଡିଗୋ ଏୟାରଲାଇନ୍ସ ପ୍ରବକ୍ତା ମଧ୍ୟ ଏହି ଘଟଣାକୁ ସ୍ୱୀକାର କରିଛନ୍ତି। ଯାତ୍ରୀମାନଙ୍କୁ ଏଥିପାଇଁ ହୋଇଥିବା ଅସୁବିଧା ପାଇଁ ଦୁଃଖିତ। ଯାତ୍ରୀ, କର୍ମଚାରୀ ଓ ବିମାନର ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ଏୟାରଲାଇନ୍ସ ପକ୍ଷରୁ ଏକ ବାର୍ତ୍ତାରେ କୁହଯାଇଛି। ଏହାପୂର୍ବରୁ ଗତମାସ ଦିଲ୍ଲୀରୁ ପୁଣେ ଯାଉଥିବା ଇଣ୍ଡିଗୋ ବିମାନ ୬ଇ ୨୬୦୮ରେ ବୋମା ଥିବା ଧମକ ମିଳିଥିଲା। କଡ଼ା ଯାଞ୍ଚ ପରେ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା।

## ବିଚାରପତିଙ୍କୁ ଲାଞ୍ଚ ମାମଲାର ଭିଜିଲାନ୍ସ ତଦନ୍ତ ପାଇଁ ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୪।୨: ଏକ ଅପରାଧିକ ମାମଲାରେ ନିଜ ସପକ୍ଷରେ ରାୟ ପ୍ରକାଶ କରିବାକୁ ବିଚାରପତିଙ୍କୁ ଲାଞ୍ଚ ଦେବାକୁ ଜଣେ ମହକିଲଙ୍କଠାରୁ ଜଣେ ବରିଷ୍ଠ ଓକିଲ ୫୦ ଲକ୍ଷ ଟଙ୍କା ସଂଗ୍ରହ କରୁଥିବା ଅଭିଯୋଗ ଆସିବା ପରେ ମାଡ୍ରାସ ହାଇକୋର୍ଟ ଏହି ମାମଲାକୁ ତା'ର ଭିଜିଲାନ୍ସ ଶାଖାକୁ ପଠାଇ ଦେଇଛନ୍ତି। ମାଡ୍ରାସ ହାଇକୋର୍ଟ ବିଚାରପତି ଏମ୍ ନିର୍ମଳ କୁମାର ଅଲ୍ ଇଣ୍ଡିଆ ଲୟର୍ସ ଆସୋସିଏସନ୍ ଫର୍ ଜଷ୍ଟିସ୍ (ଏଆଇଏଲଏଜେ) ଚେନ୍ନାଇର ଲାଞ୍ଚ ସମ୍ପର୍କିତ ଅଭିଯୋଗ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟଠାରୁ ପାଇବା ପରେ ଏହି ମାମଲାର ଶୁଣାଣି କରିବାକୁ ମନା କରିଦେଇଛନ୍ତି। କୋର୍ଟ ସିବିଆଇ ଦ୍ୱାରା ପଞ୍ଜିକୃତ ମାମଲାରେ ଏକ ଫୌଜଦାରୀ ସଂଶୋଧନ ଏବଂ ସଂଲଗ୍ନ ରଦ୍ଦ ଆବେଦନର ଶୁଣାଣି କରୁଥିଲେ। କୋର୍ଟ ଲୟର୍ସ ଆସୋସିଏସନ୍ ଅଭିଯୋଗର ଦ୍ୱାହି ଦେଇ ମାମଲାର ଶୁଣାଣି କରିବାକୁ ମନା କରିଦେଇଥିଲେ। କୋର୍ଟ ମାମଲାକୁ ଏକ ଉପଯୁକ୍ତ ଖଣ୍ଡପୀଠ ସମ୍ମୁଖରେ ରଖାଯିବା ପାଇଁ ମୁଖ୍ୟ ବିଚାରପତିଙ୍କ ନିକଟରେ ମାମଲାକୁ ରଖାଯାଉ ଏବଂ ଏ ସମ୍ପର୍କରେ ତଦନ୍ତ କରିବା ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭିଜିଲାନ୍ସ ସେଲକୁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରାଯାଉ ବୋଲି କହିଥିଲେ। କୋର୍ଟ ସିବିଆଇର ସ୍ୱତନ୍ତ୍ର ସରକାରୀ ଓକିଲ କେ ଶ୍ରୀନିବାସନ ଏବଂ ଆର ଗୋପୀନାଥଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ ଏମ୍ ମୁରଲୀ କୁମାରନଙ୍କ ସହ ମଧ୍ୟ ଏହି ସୂଚନାକୁ ସେୟାର କରିଥିଲେ। ଅନ୍ୟପକ୍ଷରେ ମୁରଲୀ କୁମାରନ୍ ଅଭିଯୋଗକୁ ମିଥ୍ୟା କହିବା ସହିତ ସେ ଯେକୌଣସି ପ୍ରକାରର ତଦନ୍ତର ସହଯୋଗ କରିବେ ବୋଲି କହିଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ କେ ଶ୍ରୀନିବାସନ କହିଛନ୍ତି, କୋର୍ଟ ଏପରି ପ୍ରସ୍ତାବକୁ ଗ୍ରହଣ କରିବା କଥା ନୁହେଁ, ଏହାଦ୍ୱାରା କୋର୍ଟର ସମ୍ମାନ ହାନି ହେଉଛି।

# ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ ୨.୦ କୁ କ୍ୟାବିନେଟ ଅନୁମୋଦନ

## ୧୦ ହଜାର କୋଟି ଟଙ୍କାର ପାଣ୍ଠି ଆବଣ୍ଟିତ

ନୂଆଦିଲ୍ଲୀ,୧୪।୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ ୨.୦ (ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଓଏଫ ୨.୦) କୁ ଅନୁମୋଦନ କରାଯାଇଛି। ଦେଶର ଷ୍ଟାର୍ଟଅପ୍ ଇକୋସିଷ୍ଟମ ପାଇଁ ଭେଞ୍ଚର କ୍ୟାପିଟାଲ ସଂଗ୍ରହ କରିବା ପାଇଁ ଏଥିରେ ମୋଟ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି। ଦୀର୍ଘକାଳୀନ ଘରୋଇ ପୁଞ୍ଜି ସଂଗ୍ରହ, ଭେଞ୍ଚର କ୍ୟାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ନବୋନ୍ମେଷ ଆଧାରିତ ଉଦ୍ୟୋଗକୁ ସମର୍ଥନ କରି ଭାରତର ଷ୍ଟାର୍ଟଅପ୍ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା ଏହି ଯୋଜନାର ଲକ୍ଷ୍ୟ । ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଓଏଫ ୨.୦ ହେଉଛି ଭାରତକୁ ବିଶ୍ୱର ଏକ ପ୍ରମୁଖ ଷ୍ଟାର୍ଟଅପ୍ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରାୟ ଏକ ଦଶନ୍ଧି ଧରି ଚାଲିଥିବା ପ୍ରୟାସର ପରିଣାମ। ୨୦୧୬ରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆରମ୍ଭ ହେବା ପରଠାରୁ, ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହା ୫୦୦ ରୁ କମ୍ ଷ୍ଟାର୍ଟଅପରୁ ବୃଦ୍ଧି ପାଇ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପରେ ପହଞ୍ଚିଛି । ୨୦୨୫ରେ ସର୍ବାଧିକ ଷ୍ଟାର୍ଟଅପ୍ ପଞ୍ଜିକରଣ ହୋଇଛି । ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଓଏଫ ୨.୦ ଭାରତୀୟ ନବସୃଜନକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଡିଜାଇନ୍ କରାଯାଇଛି। ଏହି ନୂତନ ପାଣ୍ଠି ଏକ ଲକ୍ଷ୍ୟ ଆଧାରିତ, ବିଭାଗୀକୃତ ଆର୍ଥିକ ପଦ୍ଧତି ଗ୍ରହଣ କରିବ। ଯାହାର ଲକ୍ଷ୍ୟ ହେଉଛି। ୧. ଡିପ୍ ଟେକ୍ ଏବଂ ପ୍ରଯୁକ୍ତି-ଚାଳିତ ଅଭିନବ ଉତ୍ପାଦନ: ଧୈର୍ଯ୍ୟଶୀଳ ଏବଂ ଦୀର୍ଘକାଳୀନ ପୁଞ୍ଜି ଆବଶ୍ୟକ କରୁଥିବା ଉଚ୍ଚ-ପ୍ରଯୁକ୍ତି କ୍ଷେତ୍ରଗୁଡ଼ିକରେ ସଫଳତାକୁ ପ୍ରାଥମିକତା ଦେବା। ୨. ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟ ପ୍ରତିଷ୍ଠାତାଙ୍କୁ ସଶକ୍ତ କରିବା: ନୂତନ ଏବଂ ଅଭିନବ ଚିନ୍ତାଧାରା ପାଇଁ ଏକ ସୁରକ୍ଷା ଜାଲ ପ୍ରଦାନ କରିବା, ପାଣ୍ଠି ଅଭାବରୁ ପ୍ରାରମ୍ଭିକ ବିଫଳତାକୁ ହ୍ରାସ କରିବା। ୩. ଜାତୀୟ ପ୍ରସାର: ପ୍ରମୁଖ ମହାନଗରଗୁଡ଼ିକ ବାହାରେ ନିବେଶକୁ ଉତ୍ସାହିତ କରିବା, ଯାହା ଫଳରେ ନବସୃଜନ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିପାରିବ। ୪. ଉଚ୍ଚ-ବିପଦପୂର୍ଣ୍ଣ ପୁଞ୍ଜି ବ୍ୟବଧାନକୁ ସମାଧାନ କରିବା ପାଇଁ ଡିଜାଇନ୍: ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ବର୍ଦ୍ଧିତ ପୁଞ୍ଜି ପ୍ରଦାନ କରିବା। ୫. ଘରୋଇ ନିବେଶ ପରିଦୃଶ୍ୟକୁ ଆହୁରି ଉନ୍ନତ କରିବା ପାଇଁ ଭାରତର ଘରୋଇ ଉଦ୍ୟୋଗ ପୁଞ୍ଜି ଆଧାର, ବିଶେଷକରି ଛୋଟ ପାଣ୍ଠିକୁ ସୁଦୃଢ଼ କରିବା। ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ୍ ଅଫ୍ ଫଣ୍ଡସ୍ ୨.୦ ବିଶ୍ୱ ସ୍ତରରେ ପ୍ରତିଯୋଗିତାମୂଳକ ପ୍ରଯୁକ୍ତିବିଦ୍ୟା, ଉତ୍ପାଦ ଏବଂ ସମାଧାନ ନିର୍ମାଣ କରୁଥିବା ଷ୍ଟାର୍ଟଅପ୍ ଗୁଡ଼ିକୁ ସମର୍ଥନ କରି, ଏହି ପାଣ୍ଠି ଭାରତର ଆର୍ଥିକ ଶକ୍ତି ବୃଦ୍ଧି କରିବ ।

## ଆମେରିକାରେ ନିଖୋଜ କର୍ଣ୍ଣାଟକର ଛାତ୍ର



ନୂଆଦିଲ୍ଲୀ,୧୪।୨: ଆମେରିକାର ବର୍କଲିସ୍ଥିତ କାର୍ଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର କରୁଥିବା ଜଣେ ଭାରତୀୟ ଛାତ୍ର ନିଖୋଜ ହୋଇଯାଇଛନ୍ତି। ୨୨ ବର୍ଷୀୟ ଭାରତୀୟ ଛାତ୍ର ସାକେତ ଶ୍ରୀନିବାସୈୟା ଫେବ୍ରୁଆରି ୯ ତାରିଖରୁ ନିଖୋଜ ଅଛନ୍ତି । ତାଙ୍କୁ ଶେଷଥର ପାଇଁ ବର୍କଲି ପାହାଡ଼ର ଆଞ୍ଜା ହ୍ରଦ ନିକଟରେ ଦେଖାଯାଇଥିଲା। ସାନ୍ ଫ୍ରାନ୍ସିକୋ ସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ ଶନିବାର ଟ୍ୱିଟ କରି ଏହି ସୂଚନା ଦିଆଯାଇଛି। ଦୂତାବାସ ସାକେତଙ୍କ ସନ୍ଧାନ ପାଇଁ ଉଭୟ ଶ୍ରୀନିବାସୈୟା ପରିବାର ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ସାକତେଙ୍କ ନିଖୋଜ ନେଇ ଦୂତାବାସ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ସାକେତଙ୍କ ଘର କର୍ଣ୍ଣାଟକରେ ଓ ସେ ମାଡ୍ରାସ ଆଇଆଇଟିରୁ ରାସାୟନିକ ଇଞ୍ଜିନିୟରିଂରେ ବି.ଟେକ୍ କରିବା ପରେ ଆମେରିକାରେ ରାସାୟନିକ ଏବଂ ଜୈବମଲିକୁଲାର ଇଞ୍ଜିନିୟରିଂରେ ସ୍ନାତକୋତ୍ତର କରୁଛନ୍ତି। ସାକେତଙ୍କ ରୁମମେଟ୍ ବନିତ ସିଂହ ତାଙ୍କ ନିଖୋଜ ନେଇ ଲିଙ୍କଡିନରେ ଏକ ପୋଷ୍ଟ କରିଥିଲେ। ସେ ସାକେତଙ୍କୁ ଖୋଜିବାକୁ ପୁଲିସର ସହାୟତା ନେଇଥିବାବେଳେ କେହି ତାଙ୍କ ସମ୍ପର୍କରେ କିଛି ଜାଣିଲେ ସୂଚନା ଦେବାକୁ କହିଥିଲେ।

## ବଲୁଚିସ୍ତାନକୁ ପାକିସ୍ତାନଠୁ ଅଲଗା ହେବାର ଆବଶ୍ୟକତା ରହିଛି: ମୀର ୟାର ବଲୁଚ

ଇସଲାମାବାଦ,୧୪।୨: ୨୦୧୯ ମସିହା ଫେବୃଆରି ୧୪ତାରିଖ, ଅର୍ଥାତ ଠିକ୍ ଆଜିର ଦିନରେ ଘଟିଥିଲା ପୁଲୱାମା ଆକ୍ରମଣ। ଏହି କଳାଦିନକୁ କେହି କେବେବି ଭୁଲିପାରିବ ନାହିଁ। କାହିଁକି ନା ଆଜିର ଦିନରେ ୪୦ଜଣ ବୀର ଯବାନଙ୍କୁ ହରାଇଥିଲା ଭାରତ। ସାରା ବିଶ୍ୱ ଏହି ଘଟଣାକୁ ନିନ୍ଦା କରିଥିଲା। ଏହି ପରିପ୍ରେକ୍ଷୀରେ ଆଜି ବଲୁଚିସ୍ତାନ ବିଚ୍ଛିନ୍ନତାବାଦୀ ନେତା ମୀର ୟାର ଭାରତ ସହିତ ଏକତା ପ୍ରକାଶ କରିଛନ୍ତି। ମୀର ୟାର ବଲୁଚ କହିଛନ୍ତି ଯେ ପାକିସ୍ତାନ ସେନା ଓ ତାର ପାଳିତ ଆତଙ୍କବାଦୀ ଗୋଷ୍ଠୀ ପୁଲୱାମା ଭଳି ଆକ୍ରମଣ କରୁଛନ୍ତି। ପାକିସ୍ତାନୀ ସେନା ଓ ସରକାର ହିଂସା ବଢ଼ାଇବା ପାଇଁ ବଲୁଚିସ୍ତାନର କୋଟି କୋଟି ଡଲାର ମୂଲ୍ୟର ଖଣିଜ ପଦାର୍ଥ ବ୍ୟବହାର କରୁଛନ୍ତି। ତେଣୁ, ପୁଲୱାମା ଭଳି ଆକ୍ରମଣକୁ ରୋକିବା ପାଇଁ, ବଲୁଚିସ୍ତାନକୁ ପାକିସ୍ତାନଠୁ ଅଲଗା ହେବାର ଆବଶ୍ୟକତା ରହିଛି। ମୀର ୟାର ତାଙ୍କ ସୋସିଆଲ୍ ମିଡିଆ ଏକ୍ସରେ



ଲେଖିଛନ୍ତି, ବଲୁଚିସ୍ତାନ ଗଣରାଜ୍ୟ ଭାରତର ଜନସାଧାରଣ ଏବଂ ୧୪ ଫେବୃଆରି ପୁଲୱାମା ଆତଙ୍କବାଦୀ ଆକ୍ରମଣର ପୀଡିତଙ୍କ ସହିତ ଠିଆ ହୋଇଛି। ଆମେ ଏହି ହିଂସାକୁ ନିନ୍ଦା କରୁଛୁ ଯାହା ଅନେକ ନିର୍ଦ୍ଦୋଷ ଲୋକଙ୍କ ଜୀବନ ନେଇଛି ଓ ଯନ୍ତ୍ରଣା ଦେଇଛି। ଏପରି ଘଟଣା ପାଇଁ ଦାୟୀ ପାକିସ୍ତାନକୁ କାଠଗଡ଼ାରେ ଠିଆ କରିବାକୁ ପଡ଼ିବ। ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରି ମୀର କହିଛନ୍ତି, ଭାରତୀୟ ସେନାର ଆକ୍ରମଣ ପରେ ପାକିସ୍ତାନୀ ସେନା, ଲସ୍କର ଓ ଜୈଶ ମଧ୍ୟରେ ସମ୍ପର୍କ କେତେ ନିବିଡ଼ ତାହା ସାରା ବିଶ୍ୱ ଦେଖିଲା। ପାକିସ୍ତାନୀ ସାମରିକ ଅଧିକାରୀମାନେ ନିଜେ ଆତଙ୍କବାଦୀଙ୍କ ଶବଦାହରେ ଅଂଶଗ୍ରହଣ କରିଥିଲେ।

## ୨୦୫୦ ସୁଦ୍ଧା ପ୍ରତି ୪ଜଣରେ ଜଣେ ଶ୍ରବଣ ସମସ୍ୟାରେ ପୀଡିତ ହେବେ: 'ହୁ'

ୱାଶିଂଟନ୍,୧୪।୨: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ)ର ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ କରିଛି। ପ୍ରଥମ ୱାଲର୍ଡ ରିପୋର୍ଟ ଅନ୍ ହିଅରିଂ ଅନୁଯାୟୀ, ୨୦୫୦ ସୁଦ୍ଧା ବିଶ୍ୱରେ ପ୍ରାୟ ୨.୫ ବିଲିୟନ ଲୋକ ଅର୍ଥାତ୍ ପ୍ରତି ଚାରି ଜଣଙ୍କ ମଧ୍ୟରୁ ଜଣେ କିଛି ନା କିଛି ସ୍ତରର ଶ୍ରବଣ ସମସ୍ୟାରେ ପୀଡିତ ହେବେ। ଏମାନଙ୍କ ମଧ୍ୟରୁ ପ୍ରାୟ ୭୦୦ ନିୟୁତ ଲୋକଙ୍କୁ ଶ୍ରବଣ ସମ୍ବନ୍ଧୀୟ ସେବାର ଆବଶ୍ୟକତା ପଡ଼ିବ। ହୁ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ପ୍ରତି ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ବର୍ତ୍ତମାନ କୌଣସି ନା କୌଣସି ପ୍ରକାରର ଶ୍ରବଣ ସମସ୍ୟାରେ ପୀଡିତ। ସମୟୋଚିତ ଚିକିତ୍ସା ଏବଂ ଯନ୍ତ୍ରର ଅଭାବ ମାମଲା ବୃଦ୍ଧିର ଏକ ପ୍ରମୁଖ କାରଣ। ଏପରି ମାମଲା ମଧ୍ୟରୁ ୮୦ ପ୍ରତିଶତ ନିମ୍ନ ଆୟକାରୀ ଦେଶଗୁଡ଼ିକରେ ଘଟେ, ଯେଉଁଠାରେ ବିଶେଷଜ୍ଞ ଏବଂ ସମ୍ବଳର ଘୋର ଅଭାବ ରହିଛି। ଏହା ସହିତ ସଂକ୍ରମଣ, ଜନ୍ମଗତ ରୋଗ, ଶବ୍ଦ ପ୍ରଦୂଷଣ, ଉଚ୍ଚ ଶବ୍ଦରେ ଦୀର୍ଘ ସମୟ ଧରି ସଂସ୍ପର୍ଶରେ ରହିବା ଏବଂ ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଶ୍ରବଣ ହ୍ରାସର ମୂଳ କାରଣ। ପିଲାମାନଙ୍କ ମଧ୍ୟରେ ପ୍ରାୟ ୬୦% ମାମଲା ଟୀକାକରଣ, ଉନ୍ନତ ମାତୃତ୍ୱ ଏବଂ ଶିଶୁ ଯତ୍ନ ଏବଂ କାନ ସଂକ୍ରମଣର ସମୟୋଚିତ ଚିକିତ୍ସା ମାଧ୍ୟମରେ ରୋକାଯାଇପାରିବ। ଯୁବପିଢ଼ିଙ୍କ ମଧ୍ୟରେ ଉଚ୍ଚ ସ୍ୱରରେ ସଂଗୀତ ଶୁଣିବା ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ପାଲଟିଛି। ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ସ୍ମାର୍ଟଫୋନ ଏବଂ ହେଡଫୋନ ମାଧ୍ୟମରେ ଉଚ୍ଚ ସ୍ୱରରେ ସଂଗୀତ ଶୁଣିବା ଯୋଗୁ ୧୨ ରୁ ୩୫ ବର୍ଷ ବୟସର ଏକ ବିଲିୟନରୁ ଅଧିକ ଲୋକ ବିପଦରେ ଅଛନ୍ତି।

**ଭାରତ ପାଇଁ କଳାଦିନ**

# ପୁଲୱାମା ଆତଙ୍କୀ ଆକ୍ରମଣକୁ ୭ ବର୍ଷ



ନୂଆଦିଲ୍ଲୀ,୧୪/୨; ଫେବ୍ରୁଆରୀ ୧୪ ତାରିଖକୁ କିଏ ବା ଭୁଲିପାରିବ । ପ୍ରେମ ଦିବସରେ ଉଜୁଡି ଯାଇଥିଲା ପରିବାର । ୪୦ ପରିବାରର ଖୁସିରେ ଲାଗି ଯାଇଥିଲା କାହା ନଜର ।ଦିନଟି ଭାରତୀୟଙ୍କ ପାଇଁ କଳାଦିନ ହୋଇ ରହିଗଲା । ଠିକ୍ ଆଜିର ଦିନରେ ୭ ବର୍ଷ ତଳେ ଜମ୍ମୁକାଶ୍ମୀର ଶ୍ରୀନଗରରେ ହୋଇଥିବା ଆତ୍ମଘାତି ବିସ୍ଫୋରଣ । ଆତଙ୍କବାଦୀଙ୍କ ଏହି ଆକ୍ରମଣରେ ଚାଲିଯାଇଥିଲା ୪୦ ବୀର ଯବାନଙ୍କ ଜୀବନ । ଆଉ ମାତ୍ର ୧୨ଦିନ ମଧ୍ୟରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଷଧ ନେଇଥିଲା ଭାରତୀୟ ସେନା । ପୁଲୱାମା ଆତଙ୍କୀ ଆକ୍ରମଣକୁ ୭ ବର୍ଷ ପୁରିଛି । ଶହୀଦ ବୀର ଯବାନଙ୍କୁ ଝୁରୁଛି ଦେଶ ଝୁରୁଛି ପରିବାର । ୪୦ ଯବାନଙ୍କ ବଳିଦାନରୁ ମନେ ପକାଉଛନ୍ତି ଦେଶବାସୀ । ମାଟି ମା' ସେବା ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିବା ସେ ବୀର ପୁଅଙ୍କୁ କୋଟି କୋଟି ପ୍ରଣାମ । ପୁଲୱାମାର ନ୍ୟାସନାଲ ହାଇୱେ ଉପରେ ଆଗକୁ ବଢୁଥିଲା ସିଆରପିଏଫ୍ ଯବାନଙ୍କ କାଫିଲା । ସେପଟେ ସିଆରପିଏଫ୍ ଯବାନଙ୍କ ଗାଡିକୁ ଟାର୍ଗେଟ କରି ଲୁଚି ରହିଥିଲେ ଆତଙ୍କବାଦୀ । ଗୋଟିଏ ଛୋଟିଆ ଗାଡିରେ ରଖାଯାଇଥିଲା ୩ଶହ କିଲୋର ବିସ୍ଫୋଟକ । ଆଉ ସୁଯୋଗ ପାଇବା ମାତ୍ରେ ୩ଶହ କିଲୋର ବିସ୍ଫୋଟକ ଧରି ସିଆରପିଏଫ୍ ଗାଡିରେ କାରକୁ ମାଡ କରିଥିଲେ ଆତଙ୍କବାଦୀ । ଆଖି ପୁଛୁଳାକେ ବିସ୍ଫୋରଣ ଘଟିଗଲା । ଚାରିଆଡେ ଧୂଆଁର କଳା ବାଦଲ ଖେଳିଗଲା । ଶବ୍ଦ ଏତେ ତୀବ୍ର ଥିଲା ଯେ, ଲାଗିଲା ସତେକି ଭୂମିକମ୍ପ ହେଉଛି । ଆଉ ଯେତେବେଳେ କଳା ବାଦଲ ହଟିଲା ସେତେବେଳକୁ ଭାରତୀୟ ବୀର ଯବାନଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଏଣେତେଣେ ବିଛାଡି ହୋଇ ପଡିଥିଲା । ଭାରତ ମାତାର ୪୦ ଯବାନ ଶହୀଦ୍ ହୋଇଯାଇଥିଲେ । ଏହି ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା । ପୁଲୱାମା ଆକ୍ରମଣକୁ ନେଇ ସାରା ଦେଶବାସୀଙ୍କ ମନରେ ଆକ୍ରୋଷ ଭରିହୋଇ ରହିଥିଲା ।

# କପାଚାଷୀ ଓ ବୟନ ଶିଳ୍ପ ପ୍ରସଙ୍ଗ ଉଠାଇ ସରକାରଙ୍କୁ ରାହୁଲଙ୍କ ସମାଲୋଚନା

## ରାହୁଲଙ୍କର ଅର୍ଥନୀତି ସଂପର୍କିତ ଜ୍ଞାନ ନାହିଁ: ପୀୟୂଷ ଗୋଏଲ



ନୂଆଦିଲ୍ଲୀ,୧୪।୨: କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁ ଦେଶର କପା ଚାଷୀ ଓ ବୟନ ଶିଳ୍ପ କ୍ଷେତ୍ର ବ୍ୟାପକ ଭାବେ ପ୍ରଭାବିତ ହେବ। କେନ୍ଦ୍ର ସରକାର ବାଣିଜ୍ୟ ଚୁକ୍ତିନାମାର ଏହି ଦିଗଗୁଡ଼ିକୁ ଲୁଚାଇ ରଖିଛନ୍ତି ବୋଲି ମଧ୍ୟ ରାହୁଲ ଅଭିଯୋଗ କରିଛନ୍ତି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମୁମ୍ବାଇଠାରେ ଗୋୟଲ କହିଛନ୍ତି, ରାହୁଲଙ୍କଠାରେ ପରିପକ୍ୱତା କିମ୍ବା ଅର୍ଥନୀତି ସମ୍ପର୍କିତ ଜ୍ଞାନ ନାହିଁ। ସେ ସାମାଜିକ ଗଣମାଧ୍ୟମରେ କେବଳ ମିଥ୍ୟା ଓ ଭ୍ରମ ସୃଷ୍ଟିକାରୀ ତଥ୍ୟ ପ୍ରଦାନ କରୁଛନ୍ତି। ସେ ବାସ୍ତବତାଠାରୁ ହଜାରେ ମାଇଲ ଦୂରରେ ଅଛନ୍ତି। ଏହି ଚୁକ୍ତି ଦ୍ୱାରା ଉଭୟ କପାଚାଷ କ୍ଷମତା ଓ ଆବଶ୍ୟକତା ବୃଦ୍ଧି ପାଇବ ବୋଲି ଗୋୟଲ କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ରାହୁଲ ଗାନ୍ଧୀ ଏକ ଭିଡିଓ ଜାରି କରି କହିଥିଲେ ଯେ, ୧୮% ବନାମ ଶୂନ୍ ପ୍ରତିଶତ ଶୁଳ୍କ। ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ୍ ଏହି ପ୍ରସଙ୍ଗରେ ଦେଶରେ ଭ୍ରମ ସୃଷ୍ଟି କରୁଛନ୍ତି। ବାଂଲାଦେଶକୁ ଆମେରିକା ପୋଷାକ ରପ୍ତାନି ଉପରେ ଶୂନ୍ୟ ପ୍ରତିଶତ ଶୁଳ୍କର ସୁବିଧା ଦେଉଛି। ଏଥିପାଇଁ ସେମାନଙ୍କୁ ଆମେରିକୀୟ କପା ଆମଦାନୀ କରିବାକୁ ପଡ଼ିବ। ଭାରତୀୟ ପୋଷାକ ଉପରେ ୧୮ ପ୍ରତିଶତ ଶୁଳ୍କର ଘୋଷଣା ପରେ, ଯେତେବେଳେ ମୁଁ ସଂସଦରେ ବାଂଲାଦେଶକୁ ଦିଆଯାଉଥିବା ସ୍ୱତନ୍ତ୍ର ରିହାତି ଉପରେ ପ୍ରଶ୍ନ ଉଠାଇଥିଲି, ସେତେବେଳେ ମୋଦି ସରକାରଙ୍କ ଜଣେ ମନ୍ତ୍ରୀ ଉତ୍ତର ଦେଇଥିଲେ ଯେ ଯଦି ଆମେ ମଧ୍ୟ ଏହି ଲାଭ ଚାହୁଁ, ତେବେ ଆମକୁ ଆମେରିକାରୁ କପା ଆମଦାନୀ କରିବାକୁ ପଡିବ। ସେ ପ୍ରଶ୍ନ କରିଥିଲେ ଯେ, ଏହାକୁ ଦେଶବାସୀଙ୍କଠାରୁ କାହିଁକି ଲୁଚାଇ ରଖାଯାଇଛି। ଯଦି ଆମେ ଆମେରିକା କପା ଆମଦାନୀ କରୁ, ତେବେ ଆମ ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ଯଦି ଆମେ ଏପରି ନ କରୁ ତେବେ ଆମର ବୟନ ଶିଳ୍ପ ପଛରେ ପଡ଼ିଯିବ। ବାଂଲାଦେଶ ମଧ୍ୟ ଭାରତରୁ କପା ଆମଦାନୀ ହ୍ରାସ କିମ୍ବା ବନ୍ଦ କରିପାରେ। ରାହୁଲ ଗାନ୍ଧୀ ଉଲ୍ଲେଖ କରିଛନ୍ତି ଯେ, ଭାରତର ବୟନ ଶିଳ୍ପ ଏବଂ କପା ଚାଷ ଉପରେ ଲକ୍ଷ ଲକ୍ଷ ଲୋକ ଜୀବିକା ପାଇଁ ନିର୍ଭର କରନ୍ତି। ଏହି କ୍ଷେତ୍ରଗୁଡ଼ିକୁ କ୍ଷତି ଅର୍ଥ ଲକ୍ଷ ଲକ୍ଷ ପରିବାରକୁ ବେକାରୀ ଏବଂ ଆର୍ଥିକ ଦୁର୍ଦ୍ଦଶା ଭିତରକୁ ଠେଲି ଦେବା ଭଳି ହେବ।

## ଭାଲିଆଡ଼ିହିରେ ୨ ପରିବାରର ୧୯ ସଦସ୍ୟ ସ୍ୱଧର୍ମକୁ ଫେରିଲେ

ବଣାଇ,(ନିପ୍ର): ଆଜି ବଣାଇ ଉପଖଣ୍ଡ ଶଙ୍ଖପୋଷ ପଞ୍ଚାୟତର ଭାଲିଆଡ଼ିହି ମହାଦେବଶାଳ ପଡିଆରେ ବଣାଇ ବିଶ୍ୱ ହିନ୍ଦୁ ପରିଷଦ ଏବଂ ଭାଲିଆଡ଼ିହି ମହାଦେବ ହୋ କମିଟି ଦ୍ୱାରା ଆୟୋଜିତ ଧର୍ମ ପ୍ରତ୍ୟାବର୍ତନ କାର୍ଯ୍ୟକ୍ରମରେ ଭାଲିଆଡିହି ଗ୍ରାମର ୨ ଆଦିବାସୀ ପରିବାରର ୧୯ ଜଣ ସଦସ୍ୟ ଖ୍ରୀଷ୍ଟଧର୍ମକୁ ତ୍ୟାଗ କରି ସନାତନ ବୈଦିକ ଧର୍ମକୁ ପୁନଃ ଫେରିଛନ୍ତି । ଏହି ପରିବାରମାନଙ୍କୁ ନିଜ ମୂଳ ଏବଂ ସଂସ୍କୃତିକୁ ସମ୍ମାନ ସହ ଫେରିବା ପାଇଁ "ଧର୍ମ ପ୍ରତ୍ୟାବର୍ତନ" ଅନ୍ତର୍ଗତ ମୁଖ୍ୟଧାରାରେ ପୁନଃ ଆଣାଯାଇଛି । ଏହି ପରିବାରମାନେ ପୂର୍ବରୁ ପ୍ରଲୋଭନ କିମ୍ବା ପରିସ୍ଥିତିବଶତଃ ଖ୍ରୀଷ୍ଟଧର୍ମକୁ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମଟି ଆଦିବାସୀ ପରିବାରମାନଙ୍କର ପରିଚୟ ଏବଂ ସାଂସ୍କୃତିକ ଗୌରବକୁ ପୁନଃ ସ୍ଥାପିତ କରିବା ଉଦ୍ଦେଶ୍ୟରେ ହୋଇଥିଲା । ଏହି ଅବସରରେ ୧୦୮ ମହାମୃତ୍ୟୁଞ୍ଜୟ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲ । ଗ୍ରାମର ଶତାଧିକ ମହିଳା ପୁରୁଷ ଏବଂ ରାଧା ମାଧବ କୀର୍ତନ ମଣ୍ଡଳୀ ଦ୍ୱାରା ନିକଟସ୍ଥ ଆମରୁଢ଼ିର ପବିତ୍ର ଝରଣାରୁ ପବିତ୍ର ଜଳ ଭର୍ତି ଭବ୍ୟ କଳସ ଶୋଭାଯାତ୍ରା ଯଜ୍ଞ ସ୍ଥଳକୁ ଅଣା ଯାଇଥିଲା । ଏଥିରେ ସ୍ୱ ଧର୍ମକୁ ପ୍ରତ୍ୟାବର୍ତନ କରିଥିବା ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ନୂତନ ବସ୍ତ୍ର, ପଞ୍ଚଗବ୍ୟ, ଫୁଲମାଳ, ଚନ୍ଦନ ସିନ୍ଦୁର ଲଗାଇ ଗୋତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଣାଇ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଘନ ଶ୍ୟାମ ମହାନ୍ତ, ବରିଷ୍ଠ କାର୍ଯ୍ୟକର୍ତା ତପନ କୁମାର ଦଣ୍ଡିଆ, ହରିଶ୍ଚନ୍ଦ୍ର ମହାନ୍ତ ଯୋଗ ଦେଇ ଧର୍ମ ପ୍ରତ୍ୟାବର୍ତନ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ବାବଦରେ ଆଲୋକ ପାତ କରିଥିଲେ ।

## ଗୋଛରାରେ ଆଧାତ୍ମିକ କାର୍ଯ୍ୟକ୍ରମ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା କାଳଖଣ୍ଡ ଗୋଛରା ମଣ୍ଡଳ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶନିବାର ହିନ୍ଦୁ ସମାଜ ପକ୍ଷରୁ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । କ୍ରିଷନ କୁମାର ଦେଓଙ୍କ ପରିଚାଳନାରେ ପୂଜ୍ୟ ଜୀବନ ଚୈତନ୍ୟ ମୁକ୍ତାନନ୍ଦ ପୁରୀଜୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୁ ସମାଜ ସଂଗଠିତ ହେବାକୁ କହିଥିଲେ । ଭୁବନେଶ୍ୱର ବେହେରା, ସତ୍ୟନାରାୟଣ ପଟେଲ, ରୁଦ୍ରପ୍ରତାପ ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିନ୍ଦୁତ୍ୱ ଓ ସନାତନ ଧର୍ମ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଏକ କଳସ ଶୋଭାଯାତ୍ରା ହୋଇଥିଲା ।ପରେ ବିଶ୍ୱ ଶାନ୍ତି ମହାଯଜ୍ଞ ସହ ହରିରାମ କିର୍ତ୍ତନ ହୋଇଥିଲା । ଏହି ବିଶ୍ୱ ହିନ୍ଦୁ ସମ୍ମିଳନୀରେ ଗୋରା,ବାଙ୍କେ ଓ ତେଲିଡିଲେଇମାଲ ପଞ୍ଚାୟତର ସହସ୍ରାଧିକ ପୁରୁଷ ମହିଳା ସାମିଲ ହୋଇ ହିନ୍ଦୁତ୍ୱ ଶପଥ ପାଠ କରିଥିଲେ ।

## ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ

ନିମାପଡ଼ା, (ନି.ପ୍ର.): ସ୍ଥାନୀୟ ଇନ୍ଦିରାଗାନ୍ଧୀ ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ କଲେଜ ପରିସରରେ ଶୁକ୍ରବାର ଦିନ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ଶ୍ରଦ୍ଧାଞ୍ଜଳୀ ସାହୁଙ୍କ ପୌରାହିତ୍ୟରେ ଆୟୋଜିତ ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ତଥା ମା'ଘର ଟ୍ରଷ୍ଟ ପ୍ରତିଷ୍ଠାତା ରୁତୁପର୍ଣ୍ଣା ମହାନ୍ତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନେ ନିଜର କ୍ୟାରିୟର ଗଢ଼ିବା ପାଇଁ ଆଗ୍ରହ ଥିବା ବିଷୟ ଉପରେ ଅଧିକ ସମୟ ଦେବା ଆବଶ୍ୟକ । ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଉପାଦେୟ ତଥ୍ୟ ପ୍ରଦାନ କରି ପିତାମାତା, ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଠାରୁ ସଂସ୍କାର ମୂଳକ କାର୍ଯ୍ୟ ସଂପର୍କରେ ଜ୍ଞାନ ଆହରଣ କରିବା ଦିଗରେ ଗୁରୁତ୍ୱ ଦେଇଥିଲେ । ଅବସରପ୍ରାପ୍ତ ଡ଼ାକ୍ତର ସସ୍ମିତା ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଆବାସ ପରିଡ଼ା ମୁଖ୍ୟବକ୍ତା, ସୁଧୀର ମହାନ୍ତି ସମ୍ମାନୀତ ଅତିଥି, ଡ଼ଃ ଜ୍ୟୋତ୍ସ୍ନାରାଣୀ ବସ୍ତିଆ ସମ୍ମାନୀତ ଅତିଥି, ଏନ୍ଏସି ଅଧକ୍ଷା ସସ୍ମିତା ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କୁ ରାଷ୍ଟ୍ରୀୟ ଭାବନା ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରି ଛାତ୍ରୀମାନେ ସଦା ସର୍ବଦା ସଂଗଠିତ ହେବା ପାଇଁ ପରାମର୍ଶ ଦେଇଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଦେହାନ୍ତ

ନୟାଗଡ଼,(ନିପ୍ର): ନୟାଗଡ଼ ଜିଲ୍ଲା ଓଡଗାଁ ଅଞ୍ଚଳର ଜଣାଶୁଣା ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କର ୧୦୧ ବର୍ଷ ବୟସରେ ତାଙ୍କର ବାସଭବନରେ ଶୁକ୍ରବାର ରାତିରେ ଦେହାନ୍ତ ହୋଇଯାଇଛି । ୧୯୪୨ ମସିହା ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇ ସ୍ୱର୍ଗତ ଦାସ ପ୍ରଜାମଣ୍ଡଳ ଆନ୍ଦୋଳନରେ ବାନରସେନା ଦଳରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସ୍ୱାଧୀନୋତ୍ତର କାଳରେ ସେ ଜଣେ ସ୍ୱାଧିନଚେତା ନାଗରିକ ଭାବରେ ଅନ୍ୟାୟ ଦୁର୍ନୀତି ବିରୋଧରେ ନିର୍ଭୀକ ମତପୋଷଣ କରିବାରେ ବେଶ୍ ଜନାଦୃତ ଥିଲେ । ଓଡ଼ଗାଁ ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା । ତାଙ୍କର ମୃତ୍ୟୁ ସମୟରେ ତାଙ୍କର ପୁତ୍ର ଡଃ ବେଣୁଧର ଦାସଙ୍କ ସହିତ ଅନ୍ୟାନ୍ୟ ପରିବାର ବର୍ଗ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର



ନିମାପଡ଼ା, (ନି.ପ୍ର.): ତଳଅଣ୍ଡିଆ ଛକରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ଶନିବାର ଦିନ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ୮ କୋଟି ୯୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା କେନ୍ଦ୍ରଟି କୋଣାର୍କ-ପୁରୀ ଆସୁଥିବା ପର୍ଯ୍ୟଟକଙ୍କ ପ୍ରତି ସହାୟକ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଏହି କେନ୍ଦ୍ରରେ ଇ-ଗାଡ଼ି ଚାର୍ଜର ସୁବିଧା, ମାର୍ଟ, ବିଶ୍ରାମ ସ୍ଥଳୀ ସୁବିଧା ରହିବ । ଏନ୍ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ମିଟେଇପୁର ଏବଂ ଚଅଁରପଦା ଗ୍ରାମ ପଞ୍ଚାୟତରେ ଜଳ ସଂପଦ ବିଭାଗର କେନାଲ ଉନ୍ନତିକରଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା ।

## କଟକ ଜିଲ୍ଲାପାଳଙ୍କ ବିରୋଧରେ ସ୍ୱାଧୀକାର ଭଂଗ ନୋଟିସ

କଟକ, (ନିପ୍ର): ବଢ଼ିଲା କଟକ ଜିଲ୍ଲାପାଳଙ୍କ ଅଡୁଆ । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ରାଜ୍ୟସଭା ସଚିବାଳୟ ନିର୍ଦ୍ଦେଶକଙ୍କ ପକ୍ଷରୁ ନୋଟିସ ଜାରି ହୋଇଛି । ଜାନୁଆରୀ ୨୩ ତାରିଖରେ କଟକ ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ଆମନ୍ତ୍ରଣ କରାଯାଇନଥିଲା । କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧକ୍ଷ ସିପି ରାଧାକୃଷ୍ଣନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦେବାଶିଷ ଅଭିଯୋଗ କରିଥିଲେ ଯେ, କେଉଁ ଆଧାରରେ ଜିଲ୍ଲାପାଳ ମତେ ନିମନ୍ତ୍ରଣ କରିନାହାନ୍ତି । ଏହା ରାଜ୍ୟସଭା ପାଇଁ ଅପମାନ । କଟକ ଜିଲ୍ଲାପାଳଙ୍କ ବିରୁଦ୍ଧରେ ସ୍ୱାଧୀକାର ଭଂଗ ନୋଟିସ ଜାରି ପାଇଁ ଶ୍ରୀ ସାମନ୍ତରାୟ ଦାବି କରିଥିଲେ । ଅପରପକ୍ଷରେ, ଏହି ଘଟଣାକୁ ନେଇ ଦେବାଶିଷ ସାମନ୍ତରାୟ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ଏ ବାବଦରେ ମୁଁ ରାଜ୍ୟସଭା ଅଧକ୍ଷଙ୍କୁ ଅବଗତ କରାଇଥିଲି । ତାଙ୍କ ନିର୍ଦ୍ଦେଶକ୍ରମେ ଡିଓପିଟି ବିଭାଗ ଘଟଣାର ଅନୁଧାନ କରିବ । ପୂର୍ବରୁ ପ୍ରୋଟୋକଲ ମାନି ମତେ ସରକାରୀ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରିଛନ୍ତି । କିନ୍ତୁ ବର୍ତ୍ତମାନ ମୋ ସହ ଏଭଳି କାହିଁକି କଲେ ମୁଁ ଜାଣିନାହିଁ । ଇମେଲରେ ନିମନ୍ତ୍ରଣ କରିଥିଲେ, ଇମେଲରେ ନିମନ୍ତ୍ରଣ ଯଥେଷ୍ଟ ନୁହେଁ । ରାତି ୮ଟାରେ ଇମେଲ ଆସିଛି ଓ ସକାଳେ କାର୍ଯ୍ୟକ୍ରମ ଥିଲା । ଇମେଲ ମୋ ରାଜ୍ୟସଭା ଅଫିସକୁ ଆସିଛି । ଫଳକ ଏବଂ ନିମନ୍ତ୍ରଣ କାର୍ଡ଼ରେ ମୋ ନାଁ ରଖିଲେନି । ତେଣୁ ମୁଁ ଆଶା କରୁଛି, ବିଭାଗ ଏହି ଘଟଣାର ତର୍ଯ୍ୟମା କରି ପଦକ୍ଷେପ ନେବ । ମୁଁ ଅନେକ ଆଇଏଏସ ଅଧିକାରୀଙ୍କୁ ଦେଖିଛି ଏବଂ ସେମାନଙ୍କ ସହ କାମ କରିଛି । କିନ୍ତୁ ଏହି ଜିଲ୍ଲାପାଳ ଲୋକପ୍ରତିନିଧିଙ୍କ ପ୍ରୋଟୋକଲ ମାନୁ ନାହାନ୍ତି କିମ୍ବା ସମ୍ମାନ କରୁନାହାନ୍ତି ବୋଲି ରାଜ୍ୟସଭା ସାଂସଦର ଶ୍ରୀ ସାମନ୍ତରାୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ଦୁଇ ସମବାୟ ସମିତି ଗୃହ ଭାଙ୍ଗିବାରୁ ଚାଷୀ ହନ୍ତସନ୍ତ

ଭାପୁର (ନିପ୍ର): ଗତ ବର୍ଷ ଅକ୍ଟୋବର ମାସ ୬ ତାରିଖ ଦିନ ଭାପୁର ବ୍ଲକର ବିଜିପୁର, ଫତେଗଡ଼, ଭାପୁର, ଗୋଲାପୋଖରୀ, ଚକ୍ରଧରପ୍ରସାଦ ଏବଂ ବାଇଗୁଣିଆ ସମବାୟ ସମିତିର ନୂତନ ଧାନ ସଂଗ୍ରହ ମଣ୍ଡି ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଠିକାଦାର ତା କାର୍ଯ୍ୟ ଆରମ୍ଭ କରିଲା । କିନ୍ତୁ, ଧାନ ଅମଳ ସମୟରେ ଦୁଇ ଗୋଟି ସମବାୟ ସମିତି ଗୃହକୁ ଭାଙ୍ଗି ନୂତନ ଗୃହ ନିର୍ମାଣ କରିବା ନେଇ ଚାଷୀ ମାନେ ଧାନ ବସ୍ତା ରଖିବା ପାଇଁ ଚିନ୍ତା ପ୍ରକଟ କରିଛନ୍ତି । ବିଜିପୁର ଓ ବାଇଗୁଣିଆ ସମବାୟ ସମିତି ର ଗୃହ କୁ ସମ୍ପୂର୍ଣ ଭାଙ୍ଗି ନୂତନ ରୂପରେଖ ଦିଆଯାଇଛି କିନ୍ତୁ, ଭାପୁର, ଚକ୍ରଧର ପ୍ରସାଦ, ଗୋଲାପୋଖରୀ ଓ ଫତେଗଡ଼ ଗ୍ରାମ ସମବାୟ ସମିତି ର ଗୃହ ଅନ୍ୟତ୍ର ନିର୍ମାଣ ହେଉଥିବାବେଳେ ସେଠାକାର ଚାଷୀ ଙ୍କ କୌଣସି ସମସ୍ୟା ହେବାର ଆଶଙ୍କା ଦେଖାଯାଉ ନାହିଁ । ବିଜିପୁର ଓ ବାଇଗୁଣିଆ ସମବାୟ ସମିତି ନୂତନ ଗୃହ ନିର୍ମାଣ ଅହେତୁକ ବିଳମ୍ବ କାର୍ଯ୍ୟ ହେବାକୁ ନେଇ ସମ୍ପୃକ୍ତ ଠିକାଦାର ନିଜ ଉପରୁ ଦୋଷ ଛଡେଇ ସରକାରଙ୍କ ଉପରେ ଦୋଷ ଲଦିଛନ୍ତି ଅର୍ଥାତ, ତୃତୀୟ ଥାକରେ ତାଙ୍କୁ ଟେଣ୍ଡର ମିଳିଥିବାରୁ ବିଳମ୍ବ ରେ କାର୍ଯ୍ୟ ଆରମ୍ଭ ହେଲା ଯାହାକି ଧାନ ଅମଳ ସମୟ ହୋଇଥିବାରୁ ଦୁଇ ଗୋଟି ସମବାୟ ସମିତି ର ଚାଷୀ ଙ୍କ ପାଇଁ ସମସ୍ୟା ଉପୁଜିଛି । ବର୍ତମାନ ଦୁଇ ଆସ୍ଥାୟୀ ମଣ୍ଡିରେ ଧାନ ସଂଗ୍ରହ ହେଉଥିବାରୁ ଚାଷୀ ମାନେ ଅକଥନୀୟ ଦୁର୍ଦଶା ଭୋଗୁଛନ୍ତି ।

## ନିଖୋଜ ଗୋକୁଳଙ୍କ ଶବ ଜଙ୍ଗଲରୁ ଉଦ୍ଧାର

ନୟାଗଡ଼,(ନିପ୍ର): ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାଳିସାହି ଫାଣ୍ଡି ନିକଟ ଗୁଡୁପାଙ୍ଗି ଗ୍ରାମର ଶଙ୍କର ପ୍ରଧାନଙ୍କ ପୁତ୍ର ଗୋକୁଳ ପ୍ରଧାନ (ଡାକନାମ ପନ୍ଦାରି)(୬୧)ଙ୍କର ଶବକୁ ଉଦ୍ଧାର କରାଯାଇଛି । ସେ ୬ ଦିନ ଧରି ନିଖୋଜ ଥିଲେ । ସେ ଗତ ସୋମବାର ଦିନ ସାଇକେଲ ଓ କଟୁରି ଧରି ଜଙ୍ଗଲ ଜଗିବାକୁ ଗାଁ ପାଳିରେ ରୋହିସାହି ଗ୍ରାମ ନିକଟ ଦଧିନଉତି ଜଙ୍ଗଲକୁ ଯାଇଥିଲେ । ଘରକୁ ଫେରିବାରେ ଡେରି ହେବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ହେଲେ ତାଙ୍କର କୈଣସି ସନ୍ଧାନ ପାଇନଥିଲେ । ଯାହାକି ପୋଲିସରେ ଖବର ଦେଇଥିଲେ । ଶନିବାର ଜଙ୍ଗଲକୁ ଶୁଖିଲା ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା ଲୋକ କାଠ ଖୋଜୁଥିବା ବେଳେ ଦରପୋଡ଼ା ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ଗୋକୁଳର ଶବକୁ ଦେଖିଥିଲେ ।ଏକଥା ଜଣାପଡ଼ିବା ପରେ ଗୋକୁଳର ପରିବାର ଲୋକେ ଜଙ୍ଗଲକୁ ଯାଇ ଶବ ଚିହ୍ନଟ କରିଥିଲେ ।ତେବେ ତାଙ୍କର ଦରପୋଡ଼ା ମୃତଦେହକୁ ଦେଖିଥିବା ବେଳେ ଜଙ୍ଗଲକୁ ନେଇ ଯାଇଥିବା କଟୁରି ଓ ସାଇକେଲ ପାଖରେ ନଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ତାଙ୍କର ଅର୍ଦ୍ଧାଧିକ ଶରୀର ପୋଡ଼ି ଯାଇଥିଲା । ଜଙ୍ଗଲରେ କେମିତି ପୋଡ଼ିଲେ ବୋଲି ଗାଁ ସାରା କଥା ହେଉଥିଲା ବେଳେ ବନ୍ୟଜନ୍ତୁ ଶିକାର କରିବା ପାଇଁ କିଏ ବିଦ୍ୟୁତ ତାର ଟାଣିଥିବା ବେଳେ ସେହି କରେଣ୍ଟ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି ।

## ବେଆଇନ ଗଞ୍ଜେଇ ଜବତ : ବେପାରୀ କୋର୍ଟ ଚାଲାଣ

ଗୋଲାମୁଣ୍ଡା,( ନି.ପ୍ର ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା କୁମ୍ଭାରୀ ଗାଁରେ ବେଆଇନ ଭାବରେ ଗଞ୍ଜେଇ ବିକ୍ରି କରୁଥିବା ଜଣେ ବ୍ୟବସାୟୀ ଘରେ ଅବକାରୀ ବିଭାଗ ଚଢ଼ାଉ କରି ଅଭିଯୁକ୍ତକୁ ଗିରଫ କରିଥିଲା । ଅଭିଯୁକ୍ତ ଗଞ୍ଜେଇ ବ୍ୟବସାୟୀ ହେଲେ ସେହି ଗାଁର ଠୁଲୋଶୂନ୍ୟ ସା । ସୂଚନାଥାଉ କି ଦୀର୍ଘ ଦିନରୁ ଠୁଲୋଶୂନ୍ୟ ବେଆଇନ ଭାବରେ ଗଞ୍ଜେଇ ବିକ୍ରି କରୁଥିବା ବେଳେ ଶୁକ୍ରବାର ଧର୍ମଗଡ ଅବକାରୀ ବିଭାଗ ପକ୍ଷରୁ ଅବକାରୀ ଥାନା ଅଧିକାରିଣୀ ପ୍ରତିମା ବେହେରାଙ୍କ ନେତୃତ୍ୱରେ ଅବକାରୀ ପୋଲିସ କର୍ଣ୍ଣ ବାଗ, ଭୁଜବଳ ପଟେଲ, ଯଶୋବନ୍ତି ଭୋଇ ପ୍ରମୁଖ କୁମ୍ଭାରୀ ଗାଁକୁ ଯାଇ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ତାଙ୍କ ଠାରୁ ୧. ୧୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ଅଭିଯୁକ୍ତ ଠୁଲୋଶୂନ୍ୟକୁ ଗିରଫ କରିଥିଲେ । ଅଭିଯୁକ୍ତକୁ ଅବକାରୀ ଥାନାକୁ ଆଣି ପଚରା ଉଚୁରା ପରେ ଅବକାରୀ ଥାନା କେଶ ନମ୍ବର ୨୦୨/୨୫ -୨୬ ରେ ଏକ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଥିବା ଧର୍ମଗଡ ଅବକାରୀ ଥାନା ଅଧିକାରିଣୀ ପ୍ରତିମା ବେହେରା ସୂଚନା ଦେଇଛନ୍ତି ।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ତୀର୍ଥଯାତ୍ରୀ ପୁରୀରେ ପହଞ୍ଚିଲେ

ପୁରୀ(ନିପ୍ର): ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଆଜି ଠାରୁ ଆରମ୍ଭ ହୋଇଛି ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଠାରେ ଏହି ଯୋଜନା ର ଶୁଭାରମ୍ଭ କରିବା ପରେ ନବରଙ୍ଗପୁର ଜିଲ୍ଲା ସହ ଗଞ୍ଜାମ, ଭଦ୍ରକ, ମୟୂରଭଞ୍ଜ, ସମ୍ବଲପୁର ଜିଲ୍ଲାର ଶ୍ରଦ୍ଧାଳୁ ମାନେ ପୁରୀ ରେ ପହଞ୍ଚୁଛନ୍ତି ।ଆଜି ସଂଧ୍ୟାରେ ଗଞ୍ଜାମ ଓ ଭଦ୍ରକ ଜିଲ୍ଲାର ୫୦୦ ତୀର୍ଥଯାତ୍ରୀ ମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହଣୀ ସ୍ଥାନ ବୃନ୍ଦାବତୀ ନିବାସରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ପାରମ୍ପରିକ ବାଦ୍ୟ,ହୁଳହୁଳି, ଚନ୍ଦନ ଟିପା ଦେଇ ସ୍ୱାଗତ କରାଯାଇଥିଲା ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା,ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶ୍ରୀମନ୍ଦିର ଡେପୁଟି ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ,ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଓଏସଆରଟିସିର ଜିଲ୍ଲା ପରିଚାଳକ ରଶ୍ମି ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ରେଡକ୍ରସ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।ପରେ ସେମାନଙ୍କୁ ମହାପ୍ରସାଦ ସେବନ କରାଯାଇଥିଲା । ଆସନ୍ତା କାଲି ପ୍ରାତଃ ସମୟ ରେ ଏହି ତୀର୍ଥଯାତ୍ରୀ ମାନେ ଶ୍ରୀମନ୍ଦିର ରେ ମହାପ୍ରଭୁଙ୍କ ଦର୍ଶନ କରିବେ । ସେହିପରି ନବରଙ୍ଗପୁର, ସମ୍ବଲପୁର ଓ ମୟୂରଭଞ୍ଜ ର ଶ୍ରଦ୍ଧାଳୁ ମାନେ ରାତ୍ରି ରେ ପହଞ୍ଚିବା ସହ ଆସନ୍ତା କାଲି ମନ୍ଦିର ଦର୍ଶନ ର କାର୍ଯ୍ୟକ୍ରମ ରହିଛି ।

## ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ



ନିମାପଡ଼ା, (ନି.ପ୍ର.): ଏହି ଥାନା ଅନ୍ତର୍ଗତ ଦେଉଳି ସାହିରେ ଥିବା ଏକ କବାଡ଼ିଆ ଦୋକାନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି । ନିମାପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ, ସଂପୂର୍ଣ୍ଣ ଗ୍ରାମଟି ଧୂଆଁମୟ ହୋଇଯାଇଥିଲା । ଅଗ୍ନିକାଣ୍ଡର କାରଣ ସଂପର୍କରେ କୌଣସି ତଥ୍ୟ ମିଳି ନାହିଁ । ଗୋଦାମରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଦୌଡ଼ାଦୌଡ଼ି ହୋଇ ଏଣେତେଣେ ପଳାଇ ଯାଇଥିଲେ । ଗ୍ରାମବାସୀମାନେ ଅଗ୍ନିକାଣ୍ଡ ଦୃଶ୍ୟ ଦେଖି ଭୟଭତୀ ହୋଇ ଯାଇଥିଲେ । ସେହିଭଳି ଗୋଲେଇ ଛକରେ ଥିବା ଏକ ବାଇକ୍ ଗ୍ୟାରେଜ୍‌ରେ ଅଗ୍ନିକାଣ୍ଡ ଘଟି ବାଇକ୍ ସଂପୂର୍ଣ୍ଣ ଜଳି ଯାଇଥିଲା । ମେକାନିକ୍ ଗାଡ଼ି ମରାମତି କରୁଥିବା ସମୟେ ବ୍ୟାଟେରୀରୁ ସ୍ପାର୍କ ହୋଇ ପାଖରେ ଥିବା ପେଟ୍ରୋଲକୁ ଧରି ଥିଲା । ଫଳରେ ବାଇକ୍‌ଟି ସଂପୂର୍ଣ୍ଣ ପୋଡ଼ି ଭସ୍ମୀଭୂତ ହୋଇଯାଇଥିଲା ।

## ରାଜ୍ୟସ୍ତରୀୟ 'ଓଡ଼ିଆ ଅସ୍ମିତା ଶିବିର' ଉଦ୍‌ଯାପିତ

## ସ୍ୱେଚ୍ଛାସେବୀ ସାଂସ୍କୃତିକ ରାଷ୍ଟ୍ରଦୂତର ଭୂମିକା ନିର୍ବାହ କରନ୍ତୁ: କୁଳପତି




ଭୁବନେଶ୍ୱର(ନିପ୍ର): ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ 'ଓଡ଼ିଆ ଅସ୍ମିତା ଶିବିର-୨୦୨୬'ର ଉଦ୍‌ଯାପନୀ ସମାରୋହ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶାର ସାଂସ୍କୃତିକ ବିଭାଗର ପ୍ରଚାର ଓ ପ୍ରସାର ନିମନ୍ତେ ସମସାମୟିକ ଯୁବପିଢ଼ି ସଂକଳ୍ପବଦ୍ଧ ହୋଇ ଉଦ୍ୟମକଲେ ଆମ ଅସ୍ମିତାର ଗୁରୁତ୍ୱ ବଜାୟ ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ । ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ଯୁବ ପ୍ରତିନିଧିଙ୍କ ଜରିଆରେ ଏହି ଶିବିରର ସାଂସ୍କୃତିକ ଓ ସାମାଜିକ ବାର୍ତ୍ତା ରାଜ୍ୟବ୍ୟାପୀ ପ୍ରସାରିତ ହେବ ବୋଲି ସେ କହିଥିଲେ । ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସରିତା ପଟେଲ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କୁ ନେଇ ଆୟୋଜିତ ଏହି ଶିବିରର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହ ଓଡ଼ିଆ ଅସ୍ମିତାର ମହନୀୟତା ବିଷୟରେ ଆଲୋଚନା କରିଥିଲେ । କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଓଡ଼ିଶାର ସାଂସ୍କୃତିକ ମୂଲ୍ୟବୋଧ ସଂପର୍କରେ ସଚେତନ ହୋଇ ଯୁବ ସ୍ୱେଚ୍ଛାସେବୀ ସାଂସ୍କୃତିକ ରାଷ୍ଟ୍ରଦୂତର ଭୂମିକା ନିର୍ବାହ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡ. ଚକ୍ରଧର ବେହେରା, ବରିଷ୍ଠ ଅଧ୍ୟାପକ ଦୀନବନ୍ଧୁ ମହାନ୍ତି ଓ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ଓଡ଼ିଆ ଅସ୍ମିତା ଓ ଯୁବ ସ୍ୱେଚ୍ଛାସେବୀଙ୍କ ସାମାଜିକ ଦାୟିତ୍ୱ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଶିବିରର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ସମ୍ବାଦ ପୁସ୍ତିକା 'ଅସ୍ମିତା' ଲୋକାର୍ପିତ ହୋଇଥିଲା । ରାଜ୍ୟର ୨୧ ବିଶ୍ୱବିଦ୍ୟାଳୟର ପ୍ରତିନିଧିଙ୍କୁ ନେଇ ଆୟୋଜିତ ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟଭିତ୍ତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜାତୀୟ ସେବା ଯୋଜନା ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପ୍ରଫେସର ସମ୍ବୁରୁ ଶୋଭରା, ଡ. ଧୀରଜ କୁମାର ମହାପାତ୍ର, ଡ. ଆଶିଷ ମହାପାତ୍ର, ଡ. ସାରଦା ପ୍ରସନ୍ନ ଦାସ, ଡ. ସସ୍ମିତା କାମିଲା ଓ ଡ. ମୋନାଲିସା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ

ଭୁବନେଶ୍ୱର: ପ୍ରକୃତ ସାହିତ୍ୟ ଯେତେ ପରୀକ୍ଷାନିରୀକ୍ଷା ହେଉ ମଧ୍ୟ ଚେତନା ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରସିଦ୍ଧ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ କହିଛନ୍ତି । ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ରାୟ କହିଲେ ଯେ ଆମ ସଂସ୍କୃତିରେ ବାର ମାସରେ ତେର ପର୍ବ ପରି ସାହିତ୍ୟ ପର୍ବ ଆଉ ଏକ ସଂଯୋଜନା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରସିଦ୍ଧ ଲେଖକ ଓ ସ୍ତମ୍ଭକାର ଦାଶ୍ ବେନହୁର ସାହିତ୍ୟର ଭୂମିକା ଓ ଲେଖକର ସାମାଜିକ ଦାୟବଦ୍ଧତା ଉପରେ ଆଲୋକପାତ କରିଥିଲେ ।ଅନୁଷ୍ଠାନର ସଭାପତି ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ କବି ମନୋରଞ୍ଜନ ପାଣିଗ୍ରାହୀଙ୍କୁ 'କୈଳାସ ଲେଙ୍କା ସୃଜନ ସମ୍ମାନ' ଓ ପ୍ରଫେସର ଚକ୍ରଧର ବେହେରାଙ୍କୁ 'ଦିନନାଥ ପାଠୀ ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର 'କବିତା-୨୦୨୫', ସାହିତ୍ୟ ପର୍ବ ସ୍ମରଣିକା 'ଆସର' ଓ କୁମୁଦିନୀ ଜୀଙ୍କ ଲିଖିତ କବିତା ପୁସ୍ତକ 'ଘୁଙ୍ଗୁର କାହିଁକି ବାନ୍ଧିନି ମୁଁ' ଲୋକାର୍ପିତ ହୋଇଥିଲା ।

## ଆଗରପଡ଼ା-ବରପଦା ପୂର୍ତ୍ତବିଭାଗ ରାସ୍ତା

# ନିର୍ମାଣ ନ ସରୁଣୁ ମରାମତି ମାଗିଲାଣି !

ଭଦ୍ରକ,(ନିପ୍ର):ଭଦ୍ରକ ଜିଲ୍ଲା ପୂର୍ତ୍ତ ବିଭାଗ ଅଧିନସ୍ଥ ଆଗରପଡ଼ା-ବରପଦା ରାସ୍ତାଟି ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟସ୍ତ ବହୁଳ ରାସ୍ତା । ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଯାତ୍ରୀବାହୀ ଯାନବାହନ ସମେତ ଅନ୍ୟାନ୍ୟ ଗାଡ଼ିମଟର ଚଳାଚଳ କରିଥାଏ । ତେଣୁ ଉକ୍ତ ରାସ୍ତାର ଗୁରୁତ୍ୱକୁ ନେଇ ବିଭାଗ ତରଫରୁ ଗତ ୨୦୧୫ ମସିହାରେ ୧୯ କୋଟି ଟଙ୍କା ମଂଜୁର ଅର୍ଥରେ ରାସ୍ତା ନିର୍ମିତ ହୋଇଥିଲା । କିନ୍ତୁ ନିର୍ମାଣ ସମୟରେ ଏହାର ସ୍ଥାୟିତ୍ୱ ପ୍ରତି ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଉକ୍ତ ରାସ୍ତା ନିର୍ମାଣ ଏକ ପ୍ରହସନରେ ପରିଣତ ହେବା ସହ ୧୦ବର୍ଷ ପରେବି କେବଳ ମରାମତିରେ ସୀମିତ ରହିଯାଇଥିଲା ଉକ୍ତ ରାସ୍ତା ଓ ସ୍ଥାୟୀ ରାସ୍ତା ନିର୍ମାଣ ନିମନ୍ତେ ଖାଲି ପ୍ରତିଶ୍ରୁତି ମିଳୁଥିଲା । ବାରମ୍ବାର ଅଭିଯୋଗ ଓ ଧାରଣା ପରେ ରାସ୍ତାର ଦୂରାବସ୍ଥାରେ ସୁଧାର ଆଣିବା ନେଇ ପ୍ରତିଶ୍ରୁତି ପାଳନ ପୂର୍ବକ ବିଭାଗ ପକ୍ଷରୁ ଅଗଷ୍ଟ ମାସରୁ ବରପଦା ଠାରୁ ଆଗରପଡ଼ାକୁ ଲମ୍ବିଥିବା ପୂର୍ତ୍ତବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟ ପାଖାପାଖି ୧୬ କୋଟି ଟଙ୍କା ମଞ୍ଜୁର ଅର୍ଥରେ ଆରମ୍ଭ ହୋଇଥିଲା । ରାସ୍ତା ନିର୍ମାଣ ଆରମ୍ଭରୁ କାର୍ଯ୍ୟକରୁଥିବା ସଂସ୍ଥାର କାର୍ଯ୍ୟ ଶୈଳୀକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ବିରୋଧ ସମେତ ବିଭିନ୍ନ ଗଣମାଧ୍ୟମରେ ସମାଲୋଚନା କରାଯିବାରୁ ବିଭାଗୀୟ ଅଧିକାରୀ କାର୍ଯ୍ୟନିର୍ମାଣ ସ୍ଥଳୀକୁ ଆସି ସରକାରଙ୍କ ଧାର୍ଯ୍ୟ ନିୟମାନୁସାରେ କାର୍ଯ୍ୟକରିବା ପାଇଁ ସଂସ୍ଥାର ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏବଂ ନିର୍ମାଣ କାର୍ଯ୍ୟ



ସୁରୁଖୁରୁରେ ଆଗେଇ ଚାଲିଥିଲା ବର୍ତମାନ ଉକ୍ତ ନିର୍ମାଣ କାର୍ଯ୍ୟ ଜାମବଣୀ ଛକ ପର୍ଯ୍ୟନ୍ତ ହୋଇଥିବା ବେଳେ ଜାମବଣୀ ଛକ ଠାରୁ ବଙ୍ଗାଳିସାହୀ ପର୍ଯ୍ୟନ୍ତ ରାସ୍ତାକୁ ତାଡ଼ି ସମତୁଳ କରି ମେଣ୍ଟାଲ ପକାଇ ଠିକାଦାର ବସିପଡ଼ିଛନ୍ତି । କାମ ବନ୍ଦଥିବାରୁ ଧୂଳିଧୂଆଁରେ ଲୋକେ ଗମନାଗମନାରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେହିପରି ବଙ୍ଗାଳିସାହି ଠାରୁ ରାଇମଣି ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ମଧ୍ୟ ହୋଇ ପାରିନାହିଁ । ଆଗରପଡ଼ା ମେଡ଼ିକାଲ ଛକ ଠାରୁ ଜାମବଣୀ ଛକ ପର୍ଯ୍ୟନ୍ତ ନିର୍ମିତ ରାସ୍ତାର ବିଭିନ୍ନ ସ୍ଥାନରେ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଥିଲା । ବିଭିନ୍ନ ଆଳରେ ରାସ୍ତା ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଉଥିଲା । କେତେବେଳେ ନିମ୍ନମାନରକାମ ହେଉଥିବା ଆଳ ଦେଖାଇ ବିଭାଗୀୟ ଅଧିକାରଙ୍କୁ ଅଭିଯୋଗ କରିବା ପରିବର୍ତ୍ତେ ଠିକା କମ୍ପାନୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରାଯାଉଥିଲା ତ ଆଉ କେତେବେଳେ ନିର୍ମାଣାଧିନ କାମକୁ ପୂରା ବନ୍ଦ କରାଇ ଦିଆଯାଉଥିଲା । ଏବଂ ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ମଧ୍ୟ ପୂରା ବନ୍ଦ ଅଛି । ଏହିପରି ସମସ୍ୟା ଯୋଗୁଁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେବା ସହ ସମୟ ଅବଧିରେ ରାସ୍ତା ନିର୍ମାଣ ଶେଷ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେଣୁ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ କାହା ସ୍ୱାର୍ଥରେ ହେଉଛି ବୋଲି ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି । କୌଣସି ରାଜନୈତିକ ଦଳର ଇସାରାରେ ନିର୍ମାଣ କାର୍ଯ୍ୟରେ ଏହିପରି ପ୍ରତିବନ୍ଧକ ସୃଷ୍ଟି କରାଯାଉନାହିଁ ବୋଲି ଚର୍ଚ୍ଚା ହେଉଥିବା ଶୁଣିବାକୁ ମଧ୍ୟ ମିଳୁଛି । ଅପରପକ୍ଷରେ ରାସ୍ତା ନିର୍ମାଣରେ ସମସ୍ୟା ଲାଗି ରହିଥିବା ବେଳେ ନିର୍ମାଣ ନ ସରୁଣୁ ନିର୍ମାଣ ସରିଥିବା ରାସ୍ତା ର ମରାମତି ଆବଶ୍ୟକ ପଡ଼ିଲାଣି । ବିଭିନ୍ନ ସ୍ଥାନରେ ରାସ୍ତାରୁ ପିଚୁ ଉଠି ଗର୍ତ୍ତ ମାନ ସୃଷ୍ଟି ହେଲାଣି । ତେଣୁ ୧୦ ବର୍ଷର ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ନେଇ ସନ୍ଦେହ ସୃଷ୍ଟି ହେଉଥିବା ବେଳେ ରାସ୍ତା ନିର୍ମାଣ ସରିବା ବେଳକୁ ରାସ୍ତା ତାର ପୂର୍ବ ଅବସ୍ଥାକୁ ଫେରି ଆସିବା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ସୃଷ୍ଟି ହେଲାଣି । ତେଣୁ ବିଭାଗୀୟ ଅଧିକାରୀ ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାର ସ୍ଥାୟିତ୍ୱ ପ୍ରତି ଦୃଷ୍ଟି ଦେଇ ଯଥା ଶୀଘ୍ର ନିର୍ମାଣ କାର୍ଯ୍ୟରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଭାରତ-ପାକିସ୍ତାନ ମହାଟକ୍କର ଆଜି

## ଅପୂର୍ବ ଉତ୍ସାହକୁ ଫିକା କରିପାରେ ବର୍ଷା




କଲମ୍ବୋ,୧୪।୨: ବାଦ, ବିବାଦ, ବର୍ଜନ ଧମକ ତଥା ବର୍ଷା ବିଭ୍ରାଟର ଘୋର ଆଶଙ୍କା ଭିତରେ ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସବୁଠାରୁ ଚର୍ଚ୍ଚିତ ତଥା ପ୍ରତୀକ୍ଷିତ ମୁକାବିଲା ରବିବାର ଖେଳାଯିବ। ଦୁଇ ଚିର ଶତ୍ରୁ ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ-ପାକିସ୍ତାନ ପୁଣି ଥରେ କ୍ରିକେଟ୍ ପଡ଼ିଆରେ ପରସ୍ପରର ମୁହାଁମୁହିଁ ହେବେ। ସେଥିପାଇଁ ସାରା ବିଶ୍ୱର ନଜର ଏବେ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋ ଉପରେ କେନ୍ଦ୍ରୀଭୂତ ହୋଇଛି। ଉଭୟ ଦଳ ଏହି କ୍ରିକେଟ୍ ମହାଯୁଦ୍ଧ ଲାଗି ଜୋରଦାର ପ୍ରସ୍ତୁତି କରିଛନ୍ତି। ପିସିବି ଓ ବିସିସିଆଇର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଦେଶର କ୍ରିକେଟ୍ ବୋର୍ଡ ମୁଖ୍ୟ ଖାସ୍ ଏହି ମହାଟକ୍କର ଲାଗି ଏବେ କଲମ୍ବୋରେ ଡେରା ପକାଇଛନ୍ତି। ସଲମାନ ଆଗାଙ୍କ ଦଳକୁ ସୂର୍ଯ୍ୟକୁମାର ଯାଦବଙ୍କ ସେନା ଏସିଆ କପ୍ ଭଳି ବିଶ୍ୱକପ୍‌ରେ ମଧ ମାତ୍ ଦେବ ବୋଲି ଭାରତୀୟ କ୍ରିକେଟ୍‌ପ୍ରେମୀ ଦମ୍ଭ ଭରିଛନ୍ତି। ତେବେ ବିସ୍ମୟ ସ୍ପିନର ଉସମାନ ତାରିକଙ୍କ ଅଜବ ତଥା ଅତି ବିବାଦୀୟ ବୋଲିଂ ଶୈଳୀକୁ ପାଥେୟ କରି ପାକିସ୍ତାନ ଦୀର୍ଘ ବ୍ୟବଧାନ ପରେ ଭାରତକୁ ହରାଇବାର ସ୍ୱପ୍ନ ଦେଖୁଛି। ବିଶ୍ୱକପ୍ ସହ ପ୍ରେମଦାସା ଷ୍ଟାଡିୟମ୍‌ରେ ଭାରତର ରେକର୍ଡ ଯଥେଷ୍ଟ ଭଲ ଥିବାରୁ ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ପଲା ଭାରି ରହିବ ବୋଲି ଆଶା କରାଯାଉଛି। ଖେଳାଳି, ପ୍ରଶଂସକ, ଅଧିକାରୀ ଓ ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି ପ୍ରସାରଣକାରୀ ସଂସ୍ଥା ପର୍ଯ୍ୟନ୍ତ ସମସ୍ତେ ଏହି ମହାସମରକୁ ନେଇ ଉତ୍ସାହିତ ଅଛନ୍ତି। ତେବେ କଲମ୍ବୋ ଆକାଶରେ ଏବେ କଳା ବାଦଲ ଘୋଟି ରହିଥିଲା ବେଳେ ରବିବାର ସଂଧ୍ୟାରେ ଘଡ଼ଘଡ଼ି ସହ ଅସରାଏ କିମ୍ବା ଦୁଇ ଅସରା ବର୍ଷା ହେବାର ପୂର୍ବାନୁମାନ ଏହି ଅପୂର୍ବ ଉତ୍ସାହ ତଥା ଉନ୍ମାଦକୁ ପାଣିଚିଆ କରିଦେବାର ଆଶଙ୍କା ବଢ଼ିବଢ଼ି ଚାଲିଛି। ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ମୁକାବିଲାରେ ଭାରତ ଲଗାତାର ବିଜୟୀ ହୋଇଥିବାରୁ ରବିବାର ମଧ ଏହି ଧାରା ବଜାୟ ରଖିବ ବୋଲି ଆଶା କରାଯାଉଛି। ପଡ଼ିଆ ବାହାର ନାଟକ ଏବଂ ରାଜନୈତିକ ଭିଡ଼ାଭିଡ଼ି ଏଥରର ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଆହୁରି ରୋଚକ କରିଛି। ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ନିରାଶ କରିଥିଲା। ନାମିବ୍ୟା ବିପକ୍ଷରେ କିନ୍ତୁ ତୁଳନାତ୍ମକ ଭାବେ ଭଲ ବ୍ୟାଟିଂ କରିଥିଲା। ଏଣୁ ରବିବାର ମୁକାବିଲା ମୁଖ୍ୟତଃ ଭାରତୀୟ ବ୍ୟାଟିଂ ଓ ପାକିସ୍ତାନୀ ସ୍ପିନ୍ ବାହିନୀ ମଧ୍ୟରେ ହେବ ବୋଲି ଚର୍ଚ୍ଚା ହେଉଛି। ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତ ୭ଟି ମ୍ୟାଚ୍ ଜିତିଥିଲା ବେଳେ ମାତ୍ର ଗୋଟିଏରେ ପରାଜିତ ହୋଇଛି। ଏଥର ୭-୧ କରିବାକୁ ଲକ୍ଷ୍ୟ ରଖିଛି। ପୁଣି ନିରପେକ୍ଷ ସ୍ଥାନରେ ଖେଳାଯାଉଥିବା ଏହି ମ୍ୟାଚ୍ ଚଳିତବର୍ଷ ଭାରତର ପ୍ରଥମ ବିଦେଶୀ ଟ୍ୱେଣ୍ଟି-୨୦ ମ୍ୟାଚ୍ ହେବାକୁ ଯାଉଛି। ରବିବାର ଶିବରାତ୍ରୀ ଥିବାରୁ ଅନେକ ଶିବଭକ୍ତ ଭାରତୀୟ ଦଳର ବିଜୟ କାମନା କରି ଜାଗର ଜାଳିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି।

**ସୁରକ୍ଷାରେ ସଶସ୍ତ୍ର ବାହିନୀ:** ଭାରତ-ପାକିସ୍ତାନ ମହାଲଢ଼େଇ ଲାଗି କଲମ୍ବୋ ଏବେ ସୁରକ୍ଷା ଛାଉଣିରେ ପରିଣତ ହୋଇଛି। ଉଭୟ ଦଳର ଖେଳାଳିଙ୍କ ସହ କ୍ରିକେଟ୍‌ପ୍ରେମୀଙ୍କ ସୁରକ୍ଷାକୁ କଲମ୍ବୋ ପୁଲିସ ଅଗ୍ରାଧିକାର ଦେଉଛି। ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମ୍ୟାଚ୍ ପୂର୍ବରୁ କିମ୍ବା ପରେ ଯେମିତି କୈଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ନହୁଏ ତା ଉପରେ ସବାଧିକ ଧ୍ୟାନ ଦିଆଯାଉଛି। ମ୍ୟାଚ୍‌କୁ ସଶସ୍ତ୍ର ବାହିନର ଜଗିବେ ବୋଲି ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ସୂଚନା ଦେଇଛି। ଖେଳାଳିମାନେ ହୋଟେଲ ରୁମ୍‌ରୁ ବାହାରି ଫେରିବା ପର୍ଯ୍ୟନ୍ତ ଏକାଧିକ ସ୍ଥାନରେ ବନ୍ଧୁକଧାରୀ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ଦର୍ଶକମାନଙ୍କୁ ୪ଘଣ୍ଟା ପୂର୍ବରୁ ଷ୍ଟାଡିୟମ୍ ଭିତରକୁ ପ୍ରବେଶ କରିବା ଲାଗି ଧାଡ଼ିରେ ରହିବାକୁ ପରାମର୍ଶ ଦିଆଯାଇଛି।

**ସମ୍ଭାବ୍ୟ ଭାରତ:** ଅଭିଷେକ ଶର୍ମା/ସଞ୍ଜୁ ସାମସନ, ଈଶାନ କିଶନ, ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂହ/ଓ୍ୱାସିଂଟନ୍ ସୁନ୍ଦର, ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା।

ସମ୍ଭାବ୍ୟ ପାକିସ୍ତାନ: ସୈମ ଆୟୁବ, ଶାହବଜାଦା ଫରହାନ, ସଲମାନ ଅଲୀ ଆଗା (ଅଧିନାୟକ), ବାବର ଆଜମ, ଉସମାନ ଖାନ୍, ଶଦାବ ଖାନ୍, ଫହିମ ଅସ୍ରଫ, ସାହିନ ଶାହ ଆଫ୍ରିଦି, ସଲମାନ ମିର୍ଜା, ଅବରାର ଅହମ୍ମଦ, ଉସମାନ ତାରିକ।

## ଅନ୍ୟମାନଙ୍କୁ ସେବା କରିବାରେ ପ୍ରକୃତ ମହାନତା ନିହିତ: ରାଜ୍ୟପାଳ



ଭୁବନେଶ୍ୱର,୧୪।୨(ନିପ୍ର): ଅନ୍ୟମାନଙ୍କ ପାଇଁ ସେବା କରିବାରେ ପ୍ରକୃତ ମହାନତା ନିହିତ ଥାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଶନିବାର ଦିନ ଅର୍ଗସ୍ ନ୍ୟୁଜ୍ ଦ୍ୱାରା ଭୁବନେଶ୍ୱର ଠାରେ ଆୟୋଜିତ ‘ପ୍ରାଇଡ ଅଫ ଓଡ଼ିଶା ସମ୍ମାନ ଉତ୍ସବ’-ସିଜିନ୍ ୨.୦ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ରାଜ୍ୟପାଳ ସମ୍ମାନ ପ୍ରଦାନ କରିଥିଲେ। ଏହି ସମାରୋହରେ ଉଦବୋଧନ ଦେଇ କାର୍ଯ୍ୟକ୍ରମକୁ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ଭାବରେ ରାଜ୍ୟପାଳ ବର୍ଣ୍ଣନା କରି କହିଥିଲେ ଯେ, ଏହା ସାହସ, କରୁଣା ଏବଂ ପ୍ରତିବଦ୍ଧତା ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରିଥିବା ବ୍ୟକ୍ତିମାନଙ୍କୁ ସ୍ୱୀକୃତି ଦିଏ। ଏହି କାର୍ଯ୍ୟକ୍ରମ କେବଳ ଏକ ସମ୍ମାନ ପ୍ରଦାନ ସମାରୋହ ନୁହେଁ, ବରଂ ନୀରବ ପରିବର୍ତ୍ତନକାରୀଙ୍କ ପ୍ରତି ସମ୍ମାନ, ଯାହାଙ୍କ ପ୍ରୟାସ ଓଡ଼ିଶାର ଆତ୍ମାକୁ ଦୃଢ଼ କରିଛି। ରାଜ୍ୟପାଳ କହିଥିଲେଯେ, ଆଜିର ଦ୍ରୁତ ଗତିଶୀଳ, ପ୍ରଯୁକ୍ତିବିଦ୍ୟା-ଚାଳିତ ବିଶ୍ୱରେ ଲୋକମାନେ ପ୍ରାୟତଃ ସଫଳତା ଏବଂ ପ୍ରତିଷ୍ଠା ପଛରେ ପଡ଼ିଯାଆନ୍ତି। କେତେକ ସମୟରେ ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱକୁ ଅଣଦେଖା କରନ୍ତି। ସମାଜରେ ସମ୍ବେଦନଶୀଳତା ହ୍ରାସ ପାଇବା ଉପରେ ଚିନ୍ତା ପ୍ରକାଶ କରି ରାଜ୍ୟପାଳ କହିଛନ୍ତି ଯେ ଦୁଃଖଦ ମୁହୂର୍ତ୍ତରେ କିଛି ବ୍ୟକ୍ତି ସାହାଯ୍ୟ ପ୍ରଦାନ କରିବା ପରିବର୍ତ୍ତେ ଘଟଣା ରେକର୍ଡ କରିବାକୁ ପସନ୍ଦ କରନ୍ତି।

### ଜନତା ମଇଦାନରେ ୨୦ତମ ତୋଷାଳୀ ସ୍ୱଦେଶୀ ମେଳା

## ବୁଣାକାର,କାରିଗରଙ୍କ ଆର୍ଥିକ ସମୃଦ୍ଧି ଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ

- ୨୦ ରାଜ୍ୟର ବୁଣାକାର ଏବଂ କାରିଗରଙ୍କ ୯୦୫ ଷ୍ଟଲ
- ୨୬ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ



ଭୁବନେଶ୍ୱର,୧୪।୨: ଶନିବାର ଭୁବନେଶ୍ୱରର ଜନତା ମଇଦାନରେ ୨୦ତମ ତୋଷାଳୀ ସ୍ୱଦେଶୀ ମେଳା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛି। ଏହା ଓଡ଼ିଶାର ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରର ସମୃଦ୍ଧ ଐତିହ୍ୟ ଆଧାରିତ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମେଳାକୁ ଉଦ୍‌ଘାଟନ କରି ଗୁରୁତ୍ୱାରୋପ କରିଛନ୍ତି ଯେ ଓଡ଼ିଶାର ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଉତ୍ପାଦଗୁଡ଼ିକର ଏକ ଅନନ୍ୟ ଆକର୍ଷଣ ରହିଛି, ଯାହା ରାଜ୍ୟର ଗୌରବମୟ ଐତିହ୍ୟ ଏବଂ ସାଂସ୍କୃତିକ ପରିଚୟକୁ ପ୍ରତିଫଳିତ କରେ। ସେ କହିଛନ୍ତି ଯେ ଏହି ମେଳାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ବୁଣାକାର ଏବଂ କାରିଗରଙ୍କ ଆର୍ଥିକ ସମୃଦ୍ଧିକୁ ବୃଦ୍ଧି କରିବା। ଏହି କାର୍ଯ୍ୟକ୍ରମ ସମୟରେ, ୧୨ ଜଣ କାରିଗରଙ୍କୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ, ହସ୍ତତନ୍ତ ଏବଂ ବୟନ ନିର୍ଦ୍ଦେଶାଳୟ ଏବଂ ଆଇସିଏଆର୍-ଜାତୀୟ ପ୍ରାକୃତିକ ଫାଇବର ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତି ପ୍ରତିଷ୍ଠାନ ଏବଂ ଓଡ଼ିଶା ପ୍ରଯୁକ୍ତି ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ସହିତ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମେଳା ୨୬ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ, ମୋଟ ୯୦୫ଟି ଷ୍ଟଲ ସ୍ଥାପନ କରାଯାଇଛି, ଯେଉଁଥିରେ ୨୦ଟି ରାଜ୍ୟର ବୁଣାକାର ଏବଂ କାରିଗରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି।

## ମହାଶିବରାତ୍ରୀ ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ

ପୁରୀ,୧୪।୨(ନିପ୍ର): ମହାଶିବରାତ୍ରି ପାଳନ ପାଇ ଶ୍ରୀକ୍ଷେତ୍ରରେ ଥିବା ପ୍ରମୁଖ ଶୈବପୀଠ ଶ୍ରୀ ଲୋକନାଥ ଦେବଙ୍କ ପୀଠ ସମେତ ସହରରେ ଥିବା ଅନ୍ୟାନ୍ୟ ଶିବ ମନ୍ଦିରଗୁଡିକ ସଜେଇ ହୋଇଛି। ପୁରୀ ସହର ଉପକଣ୍ଠ ମୁକୁନ୍ଦ ମିଶ୍ର ନଗରରେ ଥିବା ଶିବ ମନ୍ଦିର ଚଳଚଞ୍ଚଳ ହୋଇଉଠିବା ବେଳେ ଏଠାରେ ଏକ ନିଆରା ପରମ୍ପରାରେ ମନ୍ଦିରରେ ମହାଦୀପ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲା ବେଳେ ଉଠିଥାଏ। ଏହା ରାଜ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଲୋକନାଥ ଦେବଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବାରିକେଡ ନିର୍ମାଣ କରାଯାଇଛି। ଶ୍ରଦ୍ଧାଳୁ ଭକ୍ତମାନେ ବାରିକେଡ୍‌ରେ ଲମ୍ବା ଧାଡ଼ିରେ ଯାଇ ପୂଜାର୍ଚ୍ଚନା କରିବେ। ହରିହର ଭେଟ ସମୟରେ ଲକ୍ଷାଧିକ ଟଙ୍କାର ରହଣି ଭୋଗ କରାଯାଇଥାଏ।

### ଯାଜପୁର ଜିଲ୍ଲା ଏନ୍.ସି ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି

## ପିଲାଙ୍କୁ ଲାଇଫ ସ୍କିଲ୍ ଶିଖାଇବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



ଯାଜପୁର,୧୪।୨(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲା ବ୍ୟାସନଗର ସ୍ଥିତ ପିଏମ୍‌ଶ୍ରୀ ହାଇସ୍କୁଲ ଏନ.ସି ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବୁଲି ସମାରୋହରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଦ୍ୟାଳୟର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯାହା ସବୁ ଆବଶ୍ୟକତା ଅଛି ସେ ସମସ୍ତ ଏକ ବ୍ୟବସ୍ଥିତ ଯୋଜନା ମାଧ୍ୟମରେ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଏହି ଉତ୍ସବକୁ ଐତିହାସିକ ବୋଲି କହିଥିଲେ ଏବଂ କହିଥିଲେ ଯେ ୧୯୪୫ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହି ବିଦ୍ୟାଳୟ ଦାୟିତ୍ୱବାନ ନାଗରିକଙ୍କ ପିଢ଼ି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଯାଜପୁର ଜିଲ୍ଲାରେ ଶିକ୍ଷାର ଏକ ଦୃଢ଼ ସ୍ତମ୍ଭ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ଏହି ଅନୁଷ୍ଠାନ ଅଞ୍ଚଳର ଶିକ୍ଷାଗତ ଦୃଶ୍ୟପଟ୍ଟରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ପି.ଏମ୍ ଶ୍ରୀ ଯୋଜନାରେ ସ୍କୁଲକୁ ସାମିଲ କରାଯାଇଥିବାରୁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାକୁ ଆଧୁନିକ ଭିତ୍ତିଭୂମି, ଡିଜିଟାଲ୍ ଶ୍ରେଣୀଗୃହ ଏବଂ ସ୍ମାର୍ଟ ଶିକ୍ଷା ସୁବିଧା ସହିତ ଏକ ଆଦର୍ଶ ପ୍ରତିଷ୍ଠାନ ଭାବରେ ବିକଶିତ କରାଯାଉଛି। ଏହି ସ୍କୁଲ ଆଧୁନିକ ସୁବିଧା ସହିତ ଗୁଣାତ୍ମକ ଶିକ୍ଷାର ଏକ ମଡେଲ ଭାବରେ ଉଭା ହେବ ଏବଂ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେବ ବୋଲି ସେ କହିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷାର ଉଦ୍ଦେଶ୍ୟ କେବଳ ମାର୍କ ରଖିବା କିମ୍ବା ନିଯୁକ୍ତି ସୃଷ୍ଟି ନୁହେଁ, ଏହା ହେଉଛି ପିଲା ମାନଙ୍କ ଚରିତ୍ର ଗଠନ କରିବା ଏବଂ ସେମାନଙ୍କୁ ବିଭିନ୍ନ ଜୀବନ କୌଶଳ ବା ଲାଇଫ ସ୍କିଲ ଶିଖାଇବା। ଜାତୀୟ ଶିକ୍ଷା ନୀତି ୨୦୨୦ ବିଷୟରେ ଉଲ୍ଲେଖ କରି ସେ ପିଲାମାନଙ୍କ ସୃଜନଶୀଳତା, ଦକ୍ଷତା, ନିଷ୍ପତ୍ତି ଗ୍ରହଣ କ୍ଷମତା ଏବଂ ସମସ୍ୟା ସମାଧାନ ଦକ୍ଷତା ଉପରେ ଧ୍ୟାନ ଦେବାର ଆବଶ୍ୟକତା ଅଛି ବୋଲି କହିଥିଲେ। ମାଟ୍ରିକ୍ ପରୀକ୍ଷା ପାଖେଇ ଆସୁଥିବାରୁ, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଲେ ଏବଂ ଚାପ ବଦଳରେ ଧୈର୍ଯ୍ୟର ସହିତ ପ୍ରସ୍ତୁତି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ପରୀକ୍ଷା ପେ ଆଲୋଚନା’ରେ ପରାମର୍ଶ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ୪୫,୦୦୦ ସ୍କୁଲରେ ଶିଶୁ ବାଟିକା ପ୍ରଚଳନ କରାଯାଇଛି ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଆକାଂକ୍ଷୀ ପାଠ୍ୟକ୍ରମ, ପ୍ରକଳ୍ପ-ଭିତ୍ତିକ ଶିକ୍ଷା ଏବଂ କୋଡିଂ ଦକ୍ଷତା କାର୍ଯ୍ୟକାରୀ କରାଯାଉଛି। ସେ ଆହୁରି କହିଛନ୍ତି ଯେ ’ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା’ ଅଧୀନରେ, ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ବିନିଯୋଗରେ ୨,୨୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯାଉଛି ଏବଂ ୧୦୦ ବର୍ଷରୁ ଅଧିକ ପୁରୁଣା ବିଦ୍ୟାଳୟ ଗୁଡ଼ିକର ବିକାଶ ପାଇଁ ଏକ ଐତିହ୍ୟ ବିଦ୍ୟାଳୟ ଯୋଜନା ଆରମ୍ଭ କରାଯାଇଛି।

### ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନଦଣ୍ଡ ଓ ବଜେଟ୍ ପ୍ରସଙ୍ଗ

## ଓଡ଼ିଶାର ପ୍ରଗତିକୁ ନିନ୍ଦୁକ ସାଜିଛି ବିଜେଡି: ବିଜେପି

ଭୁବନେଶ୍ୱର,୧୪।୨(ନିପ୍ର): ସଂକଳ୍ପପତ୍ର ହେଉଛି ଆମ ପାଇଁ ଗୀତା ସଦୃଶ। ଗତ ୨୦୨୪ ମସିହା ସାଧାରଣ ନିର୍ବାଚନ ସମୟରେ ଆମେ ଜାରି କରିଥିବା ସଂକଳ୍ପପତ୍ରର ସମସ୍ତ ପ୍ରତିଶୃତି ପାଳନ କରିବାକୁ ପ୍ରତିଶୃତିବଦ୍ଧ। ମାତ୍ର ୧୯ ମାସ ଭିତରେ ଆମେ ଦେଇଥିବା ଅର୍ଦ୍ଧାଧିକ ପ୍ରତିଶ୍ରୁତି ପାଳନ କରିସାରିଛୁ ଏବଂ ବାକି ଥିବା ପ୍ରତିଶ୍ରୁତି ଗୁଡ଼ିକୁ ମଧ ଯଥା ସମୟ ଭିତରେ ପୂରଣ କରିବୁ। ଓଡିଶାକୁ ୨୦୩୬ ସୁଦ୍ଧା ସମୃଦ୍ଧ ରାଜ୍ୟ ଗଢି ତୋଳିବା ପାଇଁ ବିକାଶମୂଳକ କାର୍ଯ୍ୟ ଦୃତ ଗତିରେ ଆରମ୍ଭ ହୋଇସାରିଛି। ଅନ୍ୟ ପଟେ ଓଡ଼ିଶାର ପ୍ରଗତିକୁ ସହିନପାରି ବିଜେଡି ଏବେ ନିନ୍ଦୁକ ସାଜିଛି। ବିଜେଡି ଦୀର୍ଘ ୨୪ ବର୍ଷ ଧରି କ୍ଷମତାସୀନ ଥିଲେ ମଧ ଓଡ଼ିଶାର ବିକାଶ ପ୍ରତି ଆନ୍ତରିକତା ନଥିଲା ଏବଂ ସେମାନେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପରିବର୍ତ୍ତେ ବର୍ଷ ବର୍ଷ ଧରି ରାଜ୍ୟବାସୀଙ୍କୁ ପ୍ରତାରଣା କରିଆସୁଥିଲେ, ଯାହା ବର୍ତ୍ତମାନ ସେମାନେ ଭୁଲି ଯାଇଛନ୍ତି ସତ କିନ୍ତୁ ଓଡ଼ିଶାବାସୀ ଭୁଲିନାହାନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି। ବିଜେଡିର ଅଭିଯୋଗକୁ ନେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ହେଉଛି ବିଜେଡିର ଚରିତ୍ର। ବକ୍ତବ୍ୟ ଦେବା ପୂର୍ବରୁ ବିଜେଡି ନେତାମାନେ ତାଙ୍କ ଅତୀତକୁ ଭୁଲିଯାଉଛନ୍ତି।

## ବିଧାୟକଙ୍କ ଦ୍ୱାରା ୪ କୋଟି ଟଙ୍କା ରାସ୍ତାର ଶିଳାନ୍ୟାସ

କେନ୍ଦ୍ରାପଡା,୧୪।୨(ନିପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚଉଦକୁଲାଟ ଠାରେ ଆରଡିର ବିଭାଗର ୪ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏକ ରାସ୍ତାର ଶିଳାନ୍ୟାସ କରିଛନ୍ତି କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା। ଚଉଦକୁଲାଟ ଗାନ୍ଧି ଛକଠାରୁ ବଳସାହି ଭାୟା ମୁସଲିମ ବସ୍ତି, ବେହେରା ସାହି, ସେଠୀ ସାହି, ନିଳକଣ୍ଠା ଓ ଦେବଳା ରାସ୍ତାଟି ଅତି ଶୋଚନୀୟ ହୋଇ ପଡିଥିଲା। ବର୍ଷାଦିନେ ଏହି ରାସ୍ତାରେ ଯାତାୟାତ କରିବା ଅସମ୍ଭବ ହୋଇଥିଲା। କେନ୍ଦ୍ରାପଡା ବିଧାୟକଙ୍କ ଉଦ୍ୟମରେ ଗ୍ରାମ୍ୟ ନିର୍ମାଣ ଡିଭିଜନ(୧) ରାସ୍ତା ୩ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ଓ ଡ୍ରେନଟି ନିର୍ମାଣ କରାଯିବ। ଏହି କାର୍ଯ୍ୟର ଶୁଭାରମ୍ଭ ବିଧାୟକଙ୍କ ଦ୍ୱାରା କରାଯାଇଛି।

## କୋଟିଆରେ ପିଏମ୍ କାର୍ଡ ପ୍ରଦାନ ନିମନ୍ତେ ଆନ୍ଧ୍ରର ସର୍ଭେ !

କୋରାପୁଟ,୧୪।୨: କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ତଥା ଓଡିଶା ଅଧୀନରେ ରହିଥିବା କୋଟିଆ ପଞ୍ଚାୟତର ସୀମାନ୍ତ ମାଡକାର ଗ୍ରାମରେ ପଡୋଶୀ ଆନ୍ଧ୍ର କରୁଛି ପିଏମ୍ କାର୍ଡ ପ୍ରଦାନ ନିମନ୍ତେ ସର୍ଭେ। ରାଜ୍ୟର ପାର୍ବତୀପୁରମ ମାନ୍ୟାମ ଜିଲାର ସାଲୁର ବ୍ଲକ ଅଧୀନସ୍ଥ କୃଷି ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ଏକାଠି କରି ନିଜ ସହ ଆଣିଥିବା କାଗଜପତ୍ର ସହ ଗ୍ରାମବାସୀଙ୍କ ଆଧାର କାର୍ଡ ଯାଞ୍ଚ କରି ପିଏମ୍ କିଷାନ କାର୍ଡ ଲାଗି ସର୍ଭେ କରି ଫେରିଥିବା ଜଣାପଡ଼ିଛି। ହେଲେ ଏନେଇ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ଉପରେ କୌଣସି ପ୍ରଭାବ ପଡିନାହିଁ। କହିବାକୁ ଗଲେ ପ୍ରଶାସନ ଏକ ପ୍ରକାର ହାତ ବାନ୍ଧି ବସିଥିବା ସାଧାରଣରେ କୁହାଯାଇଛି। ସୂଚନା ମୁତାବକ, ଉଭୟ ରାଜ୍ୟ ପକ୍ଷରୁ ଚାଷୀଙ୍କୁ କିଷାନ କାର୍ଡ ଯୋଗାଇ ଦିଆଯାଉଛି। ହେଲେ ଆନ୍ଧ୍ର ପକ୍ଷରୁ ଯୋଗାଇ ଦିଆ ଯାଇଥିବା ପିଏମ କିଷାନ କାର୍ଡରେ ବର୍ଷକୁ ୩ଟି ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆ ଯାଉଥିବା ବେଳେ ଓଡିଶା ଏବଂ କେନ୍ଦ୍ର ଉଭୟ ସରକାରଙ୍କ ପକ୍ଷରୁ ବର୍ଷକୁ ତିନୋଟି ପର୍ଯ୍ୟାୟରେ ୧୦ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଦୁଇ ରାଜ୍ୟର ଗୋଟିଏ ଯୋଜନାର ସହାୟତା କମ ବେଶି ରହିଥିବା ଦୃଶ୍ୟ ସୀମାନ୍ତବାସୀଙ୍କୁ ଆକୃଷ୍ଟ କରୁଥିବା କୁହାଯାଇଛି।

### ଧାମନଗରରେ ଖରିଫ ଧାନ କିଣାରେ ଅବ୍ୟବସ୍ଥା

## ମଣ୍ଡିରେ ପଡ଼ିଛି ଧାନ, କଟନି ଛଟନିରେ ଚାଷୀ ବେହାଲ



ଧାମନଗର,୧୪।୨(ନିପ୍ର): ଧାମନଗର ବ୍ଲକରେ ଖରିଫ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଚଳିତ ବର୍ଷ ବ୍ଲକରୁ ୧ ଲକ୍ଷ ୭ ହଜାର ୪୨୨ କ୍ୱିଣ୍ଟାଲ ଧାନ ସଂଗ୍ରହ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିଲାଗି ୧୨ ସେବା ସମବାୟ ସମିତି ଓ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ମଣ୍ଡି ଖୋଲିବାକୁ ଦାୟିତ୍ୱ ଦିଆଯାଇଛି। ଫେବ୍ରୁଆରି ୧୧ ସଂଧ୍ୟା ସୁଦ୍ଧା ୯୨ ହଜାର ୫୪୩ କ୍ୱିଣ୍ଟାଲ ଧାନ କିଣା ହୋଇଛି। ଏହା ଭିତରୁ ମିଲର ମାନେ ୫୪ ହଜାର ୩୧୮.୪୫ କ୍ୱିଣ୍ଟାଲ ଧାନ ମଣ୍ଡିରୁ ଉଠାଇଛନ୍ତି। ମଣ୍ଡିରେ ୩୮,୨୨୫.୦୩ କ୍ୱିଣ୍ଟାଲ ଧାନ ପଡ଼ି ରହିଛି। ଧାମନଗର ବ୍ଲକରେ ମୋଟ ଟାର୍ଗେଟର ପ୍ରାୟ ୮୬% ଧାନ କିଣା ସରିଥିବା ବେଳେ, କିଣାଯାଇଥିବା ଧାନର ପ୍ରାୟ ୪୧% ଏବେ ବି ମଣ୍ଡିରେ ପଡ଼ି ରହିଛି। ଚୁଡ଼ାକୁଟି ସୋସାଇଟି ୧୧,୫୮୩ କ୍ୱିଣ୍ଟାଲ ଧାନି କିଣିବାକୁ ଲକ୍ଷ୍ୟ ରଖିଥିବା ବେଳେ ୧୧,୪୦୫.୬୭ କ୍ୱିଣ୍ଟାଲ ଧାନ କିଣି ଶୀର୍ଷରେ ରହିଛି। ସେହିପରି ଧାମନଗର ସୋସାଇଟିରେ ୧୦,୬୮୩ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ରଖିଥିଲା। ବୁଧବାର ସୁଦ୍ଧା ୧୦,୩୨୯.୩୩ କ୍ୱିଣ୍ଟାଲ ଧାନ କିଣିଛି। ହେଲେ ଧାନ ଉଠାଣ ପ୍ରକ୍ରିୟା ଧୀମା ଥିବାରୁ ସେଠାରେ ସର୍ବାଧିକ ୫,୧୯୬.୯୫ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ି ରହିଛି। କରଦା ସୋସାଇଟି ୪,୨୮୭ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ରଖିଥିଲା। ହେଲେ ସବୁଠାରୁ କମ୍ ୨,୪୫୯.୫୩ କ୍ୱିଣ୍ଟାଲ ଧାନ କିଣିଛି। ଚଳିତ ବର୍ଷ ଧାନ ବିକିବା ଲାଗି ଧାମନଗର ବ୍ଲକରେ ୬୪୩୩ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ବୁଧବାର ସୁଦ୍ଧା ୮୦ ପ୍ରତିଶତ ଚାଷୀଙ୍କୁ ଟୋକନ ମିଳିଥିବାବେଳେ ୨୦ ପ୍ରତିଶତ ଚାଷୀ ଟୋକନ ଅପେକ୍ଷାରେ ଅଛନ୍ତି। ଟୋକନ ମିଳିଥିଲେ ବି ଚାଷୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି କଟନି ଛଟନି। କଟନି ଛଟନି ନ କରିବା ଲାଗି ସରକାର ଯେତେ ତାଗିଦ୍ କରୁଥିଲେ ବି ମିଲରମାନେ ସେସବୁକୁ ଖାତିର କରୁନାହାନ୍ତି। ଏଫ୍‌ଏକ୍ୟୁ ମାନର ଆଳ ଦେଖାଇ ଧାମନଗର ବ୍ଲକର ସମସ୍ତ ମଣ୍ଡିରେ କ୍ୱିଣ୍ଟାଲରେ ୭ କିଲୋ ଲେଖାଏଁ କାଟି ଦେଉଛନ୍ତି। ଏଣୁ ଚାଷୀଟି କ୍ୱିଣ୍ଟାଲ ଧାନ ଉପରେ ଅଧିକ ୭ କିଲୋ ଅର୍ଥାତ୍, ୧୦୭ କିଲୋ ଧାନ ଦେଇ ୧ କ୍ୱିଣ୍ଟାଲ ଧାନ ଦେଇଛି ବୋଲି ମାନି ନେଉଛି। ଖାଲି ଏତିକିରେ ଦୁଃଖ ସରୁନି। ମିଲରମାନେ ୧୦୭ କିଲୋ ଧାନ ଉପରେ ପୁଣି ଅଖା ବାବଦରେ ଧାନ କାଟୁଥିବା ଚାଷୀ କହିଛନ୍ତି। ଏସବୁ ହିସାବକୁ ଦେଖିଲେ ଧାନ କ୍ୱିଣ୍ଟାଲ ପ୍ରତି ୨୩୦୦ ଟଙ୍କା ଓ ବୋନସ ବାବଦରେ ଆଉ ୮୦୦ ଟଙ୍କା ମିଶାଇ ୩୧୦୦ ପାଇବା କଥା। କଟନିଛଟନି ଯୋଗୁଁ ଚାଷୀଟି ପ୍ରାୟ ୨୭୦୦ ଟଙ୍କା ପାଉଛି। ସେପଟେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ କଟନିଛଟନିକୁ ଅସ୍ୱୀକାର କରିଛନ୍ତି। ଏପଟେ ମିଲର ଆଉ ଧାନ କିଣିବ ନାହିଁ ବୋଲି କହିବା ପରେ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି। ପୁଣି ବର୍ଷା ହେଲେ ସୋସାଇଟିରେ ପଡ଼ିଥିବା ଧାନ ନଷ୍ଟ ହେବାର ସମ୍ଭାବନା ବି ଅନେକ।

## ଶକ୍ତି ସହଯୋଗିତା ପାଇଁ ନାଲ୍‌କୋର ଏମଓୟୁ



ଭୁବନେଶ୍ୱର,୧୪।୨: ନାଲକୋ ଶନିବାର ଏନଏଲସି ଇଣ୍ଡିଆ ଲିମିଟେଡ୍ ସହିତ ଏକ ଏମଓୟୁ ସ୍ୱାକ୍ଷର କରିଛି। ୧୦୮୦ ମେଗାଓ୍ୱାଟ ଥର୍ମାଲ କ୍ୟାପିଟିଭ୍ ଶକ୍ତି ପ୍ରକଳ୍ପ ପୁନଃନବୀକରଣୀୟ ଶକ୍ତି ବିକାଶ ପାଇଁ ସହଯୋଗିତା ସୁଦୃଢ଼ କରିବା ଲାଗି ଏହା ଉଦ୍ଦିଷ୍ଟ। ନାଲକୋର ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ) ଜଗଦୀଶ ଆରୋରା ଏବଂ ଏନଏଲସିଆଇଏଲ୍‌ର ସିଏମଡି ପ୍ରସନ୍ନ କୁମାର ମୋଟୁପଲ୍ଲୀ ଏବଂ ମହାବଳିପୁରମ୍ ଏନଏଲସିଆଇଏଲର ନିର୍ଦ୍ଦେଶକମାନଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ